ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.254, Bhubaneswar Wednesday, November 20, 2019 ୨୨ତମ ବର୍ଷ ସଂଖ୍ୟା–୨୫୪ ଭୁବନେଶ୍ୱର ବୁଧବାର, ନଭେମ୍ବର ୨୦, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ନକଲି ଜର୍ଦ୍ଦା ପ୍ରସ୍ତୁତକାରୀ ଘରେ ଚଢାଉ, ସାମଗ୍ରୀ ଜବତ , ଜଣେ ଗିରଫ

କୋରେଇ,୧୯।୧୧(ପି.ଏନ): ପାଣିକୋଇଲି ଗ୍ରାମରେ ଘର ମଧ୍ୟରେ ନକଲି ପାନ ମସାଲା (ଜର୍ଦ୍ଦା) ପ୍ରସ୍ତୁତକାରୀ ଘରେ ପୁଲିସ ଚଢାଉ କରି ବ୍ୟବହୃତ ସାମଗ୍ରୀ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ନକଲି ଜର୍ଦ୍ଦା ପ୍ରସ୍ତୁତକାରୀ ପାଣିକୋଇଲି ମୁସଲିମ ବସ୍ତିର ଅବଦୁଲ ରହିମ ଖାଁ ଙ୍କ ପୁଅ ମଜୁବିର ରହେମାନ ଓରଫ ମଜୋ (୪୮) ପୁଲିସ ସୂତ୍ରରୁ ପ୍ରକାଶ । ପ୍ରକାଶଯେ ବିଭିନ୍ନ ପୁରୁଣା ଜର୍ଦ୍ଦା ଡବା ଓ ଖୋଳ ସଂଗ୍ରହ କରି ତାହା ମଧ୍ୟରେ ନକଲି ଜର୍ଦ୍ଦା ଭର୍ତ୍ତି କରି ଅନୁରୂପଭାବେ ପ୍ୟାକିଙ୍ଗ କରି ଦୀର୍ଘଦିନ ହେବ ରହେମାନ ତାର ଘରେ ଟବାକୋ ଭଦ୍ରକରୁ ଆଣି ନକଲି ଜର୍ଦ୍ଦା ତିଆରି କରିଆସୁଥିଲା । ଏହାକୁ ସାହାପୁର ହାଟ ଅଂଚଳରେ ବିକ୍ରି କରି ବେଶ ଲାଭ ଉଠାଉଥିଲା । କୌଣସି ସୂତ୍ରରୁ ଖବର ପାଇ ପୁଲିସ ତାର ଘରେ ରାତ୍ରୀରେ ଚଢାଉ କରିଥିଲା । ଚଢାଉ ସମୟରେ ତାର ଘରୁ ୭ କେଜି ଜର୍ଦ୍ଦା ପତି, ନକଲି କରିବା ପାଇଁ ପ୍ରସ୍ତୁତି ସମାଗ୍ରୀ, କେମିକାଲ ବକ୍ସ, ଗ୍ଲିସରିନ ୨ ବୋତଲ, ବିଭିନ୍ନ ରଙ୍ଗର ଜରି, ତମାଖୁ ପ୍ୟାକିଂ ଜରି, ଓଜନ କଂଟା, ୨ବସ୍ତା ପୁରୁଣା ଗୋପାଳ, ସୁରଭି, ବାବା ଜର୍ଦ୍ଦା ଡବା, ଜର୍ଦ୍ଦା ଖୋଳ, ଫେଭିକଲ, ସେଲୋଟେପ, ଷଣ୍ଢଆସି ଟିଣ ବାକ୍ସ, ପେଚକସ ଆଦି ଜବତ କରାଯାଇଥିଲା । ଏହି ସବୁ ସାମଗ୍ରୀ ଜବତ କରିବା ସହ ରହେମାନକୁ ଗିରଫ କରିଥିଲା ପୁଲିସ । ଏନେଇ ଏକ ମାମଲା ୨୨୫/୧୯ ରୁଜୁ କରି ଦଫା ୪୨୪,୨୭୨, ୨୭୩ ଆଇପିସି/ ୨୦(୨) ସିଗାରେଟ ଏଣ୍ଡ ଅଦର ଟବାକୋ ଆକ୍ଟ, ଆର.ଡବ୍ଲ୍ୟୁ ସେକସନ ୧୦୩, ୧୦୪ ଟ୍ରେଡମାର୍କ ଆକ୍ଟରେ ଆଜି କୋର୍ଟ ଚାଲାଣ କରାଯାଇଛି । ତାର ଜାମିନ ନାମଂଜୁର ହେବାରୁ ତାକୁ ରଗଡି ଜେଲ ଯିବାକୁ ପଡିଛି ।

## ଆମ୍ବୁଲାନ୍ସକୁ ଧକ୍କା ଦେଲା ଟ୍ରକ, ଅଳ୍ପକେ ବର୍ତ୍ତିଲେ ରୋଗୀ ଓ ସହଯାତ୍ରୀ

କୋରେଇ,୧୯।୧୧(ପି.ଏନ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ହାଟସାହି ଛକ ନିକଟରେ କଟକରୁ ରୋଗୀକୁ ନେଇ ଫେରୁଥିବା ବେଳେ ଏକ ଟ୍ରକ ସାଇଡ଼ ମାରିଦେବାରୁ ଏକ ଘରୋଇ ଆମ୍ବୁଲାନ୍ସ କ୍ଷତିଗ୍ରସ୍ତ ହେବା ସହିତ ତିନି ଜଣ ଆହତ ହୋଇଛନ୍ତି । ମିଳିଥିବା ସୂତ୍ରରୁ ପ୍ରକାଶ ଯେ ବାଲେଶ୍ୱରରୁ ଏକ ଘରୋଇ ଆମ୍ବୁଲାନ୍ସ (ଓଡ଼ି୦୧ଜେ୬୨୪୪) ଅପରେସନ ହୋଇଥିବା ଏକ ରୋଗୀଙ୍କୁ ଚେକଅପ ସାରି କଟକରୁ ଫେରୁଥିବା ବେଳେ ହାଟସାହି ଛକ ନିକଟସ୍ଥ ଟିକର ନିକଟରେ ଏକ ଟ୍ରକ (ଓଆର୦୪ଏଚ୧୩୩୫) ଆମ୍ବୁଲାନ୍ସଟିକୁ ସାଇଡ଼ ମାରିଥିଲା ।

## ମଧ୍ୟାହ୍ନ ଭୋଜନରେ ଝିଟିପିଟି ପଡିବା ଘଟଣା, ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ସାମଲ ନିଲମ୍ବିତ

ଧର୍ମଶାଳା,୧୯।୧୧(ପି.ଏନ): ଯାଜପୁର ଜିଲା ଧର୍ମଶାଳା ବ୍ଲକରେ ଶନିବାର ଦିନ ୨ଗୋଟି ବିଦ୍ୟାଳୟରେ ଅଘଟଣ ଘଟିଥିଲା । ମଧ୍ୟାହ୍ନ ଭୋଜନରେ ପଚା ଅଣ୍ଡା ଓ ଝିଟିପିଟି ପଡିଥିବା ଖାଦ୍ୟ ଖାଇ ୪୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଅସୁସ୍ଥ ହୋଇ ମେଡିକାଲରେ ଚକିତ୍ସିତ ହୋଇ ଫେରିଥିଲେ । ଏହି ଘଟଣାକୁ ନେଇ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଥିଲା । ଏବଂ ଏହି ଘଟଣାରେ ଶିକ୍ଷାବିଭାଗ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ମହଲରେ ଦାବି ହୋଇଥିଲା । ଗତ କାଲି ଧର୍ମଶାଳା ବ୍ଲକ ଶିକ୍ଷାଅଧିକାରୀ ପ୍ରଫୁଲ୍ଲ ବେହେରା ଅଭୟପୁର ପଂଚାୟତସ୍ଥ ବମ୍ପୁ-ମଙ୍ଗରାଜପୁର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କିରଣବାଳା ମିଶ୍ରଙ୍କୁ ନିଲମ୍ବିତ କରିଥିବା ବେଳେ ଆଜି ଏହି ବ୍ଲକ ହରିଦାସପୁର ପଂଚାୟତ ଶ୍ରୀବନ୍ତପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ସାମଲଙ୍କୁ ଆଜି ନିଲମ୍ବିତ କରିଛନ୍ତି । କରିଛନ୍ତି । ଏବଂ ଏହି ଘଟଣାର ତଦନ୍ତ ପ୍ରକ୍ରୀୟ ଚାଲୁରହିଥିବା ଜଣାପଡିଛି । ସୂଚନା ଥାଉ କି ଶନିବାର ଦିନ ଧର୍ମଶାଳା ବ୍ଲକ ହରିଦାସପୁର ପଂଚାୟତ ଶ୍ରୀବନ୍ତପୁର ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ରୋଷେଇ ସମୟରେ ରୋଷେଇ ଦାୟିତ୍ୱରେ ଥିବା ପାଚିକାଙ୍କ ଅସାବଧାନତା ହେତୁ ଖାଦ୍ୟରେ ଝିଟିପିଟି ପଡିଯାଇଥିଲା । ଏହି ବିଦ୍ୟାଳୟର ୪୨ଜଣ ଛାତ୍ରଛାତ୍ରୀ ଖାଦ୍ୟ ଖାଇ ଅସୁସ୍ଥ ହୋଇପଡିଥିଲେ । ଖାଦ୍ୟରେ ଝିଟିପିଟି ପଡିଥିବା ଜଣାପଡିଥିଲା । ଏହି ଖାଦ୍ୟ ଖାଇ ମୁଣ୍ଡ ବୁଲାଇବାରୁ ୧୨ଜଣ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅଭିଭାବକମାନେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ପରେ ଅନ୍ୟ ୩୦ ଜଣଙ୍କୁ ଶିକ୍ଷକମାନେ ୧୦୮ ଆମ୍ବୁଲାନସ୍ ଯୋଗେ ଏହି ମେଡିକାଲକୁ ପଠାଇଥିଲେ । ସେମାନଙ୍କୁ ଚିକିତ୍ସା କରାଯାଇ ପରେ ସୁସ୍ଥ ହେବା ପରେ ସେମାନଙ୍କୁ ଛାଡି ଦିଆଯାଇଥିଲା ।

### ୩୫ ବର୍ଷ ଧରି ଗୋଟିଏ ନଳକୂପରେ ନିର୍ଭରଶୀଳ ପାଳକଣା ଗ୍ରାମବାସୀ

କେନ୍ଦ୍ରାପଡା,୧୯।୧୧(ପି.ଏନ): ଗୋଟିଏ ନଳକୂପ ୪୦୦ ଗ୍ରାମବାସୀଙ୍କୁ ପାଣି ଯୋଗାଇ ଚାଲିଥିଲା । ୩୫ ବର୍ଷ ତଳେ ବସାଯାଇଥିବା ଏହି ନଳକୂପ ବର୍ଷେ ହେଲା ଭାଙ୍ଗି ରୁଜି ଗଲାଣି । ପିଇବା ପାଣି ପାଇଁ ଗ୍ରାମବାସୀମାନେ ପାଖରେ ଥିବା ଗଡିଆ ପୋଖରୀ ଉପରେ ନିର୍ଭର କରି ଚଳୁଛନ୍ତି । ପ୍ରଶାସନ କୁ କରାଯାଇଥିବା ସମସ୍ତ ଆବେଦନ ଅକାମୀ ହୋଇଯାଇଛି । କେନ୍ଦ୍ରାପଡା ବ୍ଲକ ଅଧିନ କୋର ଗ୍ରାମ ପଂଚାୟତ ଅନ୍ତର୍ଗତ ୧୭ ନମ୍ବର ୱାର୍ଡ ପାଳକଣା ଗ୍ରାମର ଏଭଳି ଅବସ୍ଥା କେବେ ବଦଳିବ ତାହା ପ୍ରଶାସନ ଉପରେ ନିର୍ଭର କରେ । ଏହି ଦଳିତ ବସ୍ତିରେ ନଳକୂପ ସ୍ଥାପନ ପାଇଁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କଠାର ଦାବି କରିଛନ୍ତି । ଦାବି ମୁତାବକ ଏହି ବସ୍ତିରେ ୪ ଶହରୁ ଉର୍ଦ୍ଧ୍ୱ ବାସିନ୍ଦା ରହୁଥିଲେ ମଧ୍ୟ ଗ୍ରାମର ମଧ୍ୟଭାଗରେ ପ୍ରାୟ ୩୫ ବର୍ଷ ତଳେ ଏକ ନଳକୂପ ବସାଯାଇଥିଲା । ଏହି ନଳକୂପଟି ଭାଙ୍ଗିରୁଜି ସଂପୂର୍ଣ୍ଣ ଅଚଳ ହୋଇ ପଡିଛି । ଫଳରେ ପିଇବା ପାଣି ପାଇଁ ନିର୍ଭର କରୁଥିବା ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ୱାର୍ଡରେ ଏକ ନୂତନ ନଳକୂପ ବସାଇବା ପାଇଁ ଆଇନଜିବୀ ଚୈତନ୍ୟ ଚରଣ ମଲ୍ଲିକ, ପର୍ଶୁରାମ ମଲ୍ଲିକ, ନିରୁପମା ମଲ୍ଲିକ, ଅରୁଣ ମଲ୍ଲିକ, ଗିରିଧାରୀ ମଲ୍ଲିକ, ଶ୍ରୀଧର ମଲ୍ଲିକ ପ୍ରମୁଖ ବସ୍ତିବାସିନ୍ଦାମାନେ ଦାବି କରିଛନ୍ତି ।

## ୨୭,୮୪୨ ଗାଁରେ ମିଳୁନି ପାଇପ୍ ପାଣି

ଭୁବନେଶ୍ୱର,୧୯।୧୧(ପି.ଏନ): ରାଜ୍ୟର ୨୭,୮୪୨ ଗ୍ରାମରେ ପାଇପ୍ ୱାଟର ସ୍କିମ୍ ଲାଗୁ ହୋଇପାରି ନାହିଁ ବୋଲି ଗୃହ ନିର୍ମାଣ ଓ ପୌର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ପ୍ରକାଶ କରିଛନ୍ତି । ସଭ୍ୟ ତାରା ପ୍ରସାଦ ବାହିନୀପତି , ପ୍ରଦୀପ ପୁରୋହିତ , କୁସୁମ ଟେଟେ , ବିଷ୍ଣୁ ସେଠୀ , ଅତନୁ ସବ୍ୟସାଚୀ ନାୟକ ଓ ନରସିଂହ ମିଶ୍ରଙ୍କ ମୂଳ ଓ ଅତିରିକ୍ତ ପ୍ରଶ୍ନର ଉତର ଦେଇ ସେ ଏହା କହିଥିଲେ । ମନ୍ତ୍ରୀ ଗୃହକୁ ଜଣାଇଥିଲେ ଯେ ରାଜ୍ୟରେ ଥିବା ୪୭,୩୬୬ ଗ୍ରାମ ମଧ୍ୟରୁ ୧୯,୫୦୪ ଗ୍ରାମକୁ ପାଇପ୍ ଯୋଗେ ପାଣି ଯୋଗାଇ ଦିଆଯାଉଛି । ୨୦୨୪-୧୫ ସୁଦ୍ଧା ସବୁ ଗ୍ରାମରେ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ । ଏଥିପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । ୨୦୨୦ ମାର୍ଚ୍ଚ ସୁଦ୍ଧା ସହରାଂଚଳରେ ଥିବା ସମସ୍ତ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯାଗାଇ ଦିଆଯିବ । ଏଥିପାଇଁ ଅନେକ ଗୁଡିଏ ମେଗା ଲିଫ୍ଟ ପଏଂଟ କାମ ହାତକୁ ନିଆଯାଇଛି । ଚଳିତ ବର୍ଷରେ ୩,୩୭୨ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ଏଥିମଧ୍ୟରୁ .ଗତ ୫ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ୫୪୯ କୋଟି ଟଙ୍କା ଦେଇଛନ୍ତି । ୨୦୧୫-୧୬ ବର୍ଷରେ ରାଜ୍ୟ ସରକାର୬୬୮କୋଟି ଟଙ୍କା ଦେଇଥିବା ବେଳେ କେନ୍ଦ୍ର ୯୩ କୋଟି ଟଙ୍କା ଦେଇଛନ୍ତି । ୨୦୧୬-୧୭ରେ ରାଜ୍ୟ ୭୫୨ କୋଟି ଦେଇଥିବା ବେଳେ କେନ୍ଦ୍ର ୧୨୨ କୋଟି ଟଙ୍କା ଦେଇଛି । ସେହିପରି ୨୦୧୭-୧୮ରେ ରାଜ୍ୟ ୮୭୭କୋଟି , ୨୦୧୮-୧୯ରେ ୧୬୫୬ କୋଟି ଟଙ୍କା ଦେଇଥିବା ବେଳେ କେନ୍ଦ୍ର ୭୮ କୋଟି ଓ ୧୧୫କୋଟି ଟଙ୍କା ଦେଇଛନ୍ତି । ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ ଯେଉଁଠାରେ ପାଇପ୍ ଜଳ ପ୍ରକଳ୍ପ ଅଚଳ ଅଛି ଜଣାଇଲେ ତୁରନ୍ତ ପଦକ୍ଷେପ ନିଆଯିବ ।

## ମହରମପୁର ପଂଚାୟତର ପିଛା ଛାଡୁନି ଦୁର୍ନୀତି : ୱାର୍ଡ ସଦସ୍ୟାଙ୍କ ନାମରେ ୨ ଅନ୍ତୋଦୟ କାର୍ଡରେ ଚାଉଳ ଉଠାଣ

ଭଦ୍ରକ, ୧୯।୧୧(ପି.ଏନ): ଏହି ଜିଲାର ତିହିଡି ବ୍ଲକ୍ ମହରମପୁର ପଂଚାୟତରେ ଦୁର୍ନୀତି ପିଛା ଛାଡୁନାହିଁ । ଏହିମାତ୍ର କିଛିଦିନ ତଳେ ଜନୈକ ସରକାରୀ କର୍ମଚାରୀଙ୍କ ସ୍ୱାମୀଙ୍କ ନାମରେ ଭୁଲ୍ ଚାଳଘର ଦେଖାଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରଥମ କିସ୍ତି ବାବଦ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ସମିତି ସଭ୍ୟା ପ୍ରୀତିକଳା ଦାସଙ୍କ ଅଭିଯୋଗ କ୍ରମେ ବ୍ଲକ୍ ପ୍ରଶାସନ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଥିଲା । ଏହି ଟଙ୍କା ଫେରସ୍ତ କରିବା ଲାଗି ପ୍ରଶାସନ ପକ୍ଷରୁ ହିତାଧିକାରୀ ଅମର ନାୟକଙ୍କୁ ଏକ ସାତଦିନିଆ ନୋଟିସ୍ ଜାରି କରାଯାଇଥିଲା । ଏବଂ ଏଥିରେ ବ୍ୟତିକ୍ରମ ହେଲେ ବ୍ଲକ୍ ଶିକ୍ଷାଧିକାରୀ ବିହିତ ପଦକ୍ଷେପ ନେବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି । ଜିଓ-ଟେକ୍ କର୍ମଚାରୀଙ୍କୁ କାର୍ଯ୍ୟରୁ ବି ନିବୃତ୍ତ କରାଯାଇଥିବା ନେଇ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଂଜନ ଦେଓଙ୍କ ଠାରୁ ସୂଚନା ମିଳିଛି । ତେବେ ଏହି ଘଟଣା ଲୋକଙ୍କ ମନରୁ ଲିଭିନଥିବାବେଳେ ପୁଣି ଆସିଛି ଏକ ଗୁରୁତର ଅଭିଯୋଗ । ଖାଉଟି ସାମଗ୍ରୀ ବଣ୍ଟନ କରିବା ଲାଗି ପଂଚାୟତର କାର୍ଯ୍ୟନିର୍ବାହୀ ଦାୟିତ୍ୱ ନେଇଥିବାବେଳେ ଜଣେ ୱାର୍ଡ ସଦସ୍ୟାଙ୍କ ନାମରେ ଦୁଇଟି ଅନ୍ତୋଦୟ କାର୍ଡ ଜରିଆରେ ନିୟମିତ ଚାଉଳ ଉଠାଣ କରାଯାଉଛି । ଅନ୍‌ଲାଇନ୍ ଯୋଗେ ସୂଚନା ପାଇବା ପରେ ୱାର୍ଡ ସଦସ୍ୟା ବାସନ୍ତୀ ବେହେରା ପ୍ରତିକ୍ରିୟା ରଖି ସେ ମାତ୍ର ଗୋଟିଏ କାର୍ଡରେ ଚାଉଳ ଉଠାଣ କରୁଥିବାବେଳେ ଅନ୍ୟ କାର୍ଡଟି ପଂଚାୟତ ପକ୍ଷରୁ ଉଠାଣ କରାଯାଉଥିବା ବିଷୟ ବିଡିଓଙ୍କ ଠାରେ ଅଭିଯୋଗ ହୋଇଛି ।

## ଅବ୍ୟବସ୍ଥା ଘେରରେ ବାହାଦଲପୁର ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ : କାଗଜ କଲମରେ ଚାଲିଛି ଶିକ୍ଷାଦାନ

ଭଦ୍ରକ, ୧୯।୧୧(ପି.ଏନ): ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ସଂସ୍କାର ଓ ସୁଦୃଢ କରିବା ଲକ୍ଷ୍ୟରେ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ କରୁଥିବାବେଳେ କେତେକ ଅସାଧୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସେ ସବୁ ଫସର ଫାଟୁଛି । ସରକାର ଆଧାର କାର୍ଡ ମାଧ୍ୟମରେ ପ୍ରତ୍ୟେକ ବିଦ୍ୟାଳୟରେ ପିଲାଙ୍କ ଉପସ୍ଥାନ, ମଧ୍ୟାହ୍ନ ଭୋଜନ ଓ ପୋଷାକ ପ୍ରଦାନରେ ସ୍ୱଚ୍ଛତା ଆଣିବା ପାଇଁ ଉଦ୍ୟମ ଜାରି ରଖିଥିବାବେଳେ ଏହି ଜିଲାରେ କିଭଳି ତାର ସଫଳ ରୂପାୟନ ହୋଇନପାରି କେବଳ କାଗଜ କଲମରେ ଶିକ୍ଷା ବ୍ୟବସ୍ଥା ସୀମିତ ରହିଛି, ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବାହାଦଲପୁର ପ୍ରୋଜେକ୍ଟ ପ୍ରାଇମେରୀ ବିଦ୍ୟାଳୟ କ୍ଷେତ୍ରରେ । ଏହି ଜିଲାର ବନ୍ତ ବ୍ଲକ୍ ଅଧୀନସ୍ଥ ଆଡିଆ ପଂଚାୟତର ବାହାଦଲପୁର ଗ୍ରାମରେ ୨୦୦୯ ମସିହାରେ ଏହି ବିଦ୍ୟାଳୟଟି ପ୍ରତିଷ୍ଠା ହୋଇଥିଲା । କିନ୍ତୁ ଇତିମଧ୍ୟରେ ୯ ବର୍ଷ ଅତିକ୍ରାନ୍ତ ହୋଇଥିଲେ ବି ସ୍କୁଲଟିରେ ଶୈକ୍ଷିକ ପରିବେଶରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୋଇନାହିଁ । ଏହି ବିଦ୍ୟାଳୟଟି ତତ୍‌କାଳୀନ ପ୍ରଧାନ ଶିକ୍ଷକଙ୍କ ଯୋଗୁଁ ଅଧାପନ୍ତରିଆ ଅବସ୍ଥାରେ ରହିଥିବାରୁ କୋମଳମତି ଛାତ୍ରଛାତ୍ରୀମାନେ ଖୋଲା ଆକାଶ ତଳେ ୫ ବର୍ଷ ଧରି ପଢି ଆସୁଥିଲେ । ପରେ ଗ୍ରାମବାସୀମାନଙ୍କ ଉଦ୍ଦେଶ୍ୟରେ ଅସଂପୂର୍ଣ୍ଣ ଘରଟିର ୩ ବଖରା ଛାତ ପଡିଥିଲା । ଚଳିତ ଶିକ୍ଷାବର୍ଷରେ ୧୨ ଜଣ ଛାତ୍ରଛାତ୍ରୀ ଏଠାରେ ଅଧ୍ୟୟନ କରୁଥିବା ବିଷୟ ବିଦ୍ୟାଳୟର ଉପସ୍ଥାନ କାଗଜପତ୍ରରୁ ଜଣାପଡିଛି । ଏଠାରେ ପ୍ରକାଶ ଥାଉକି ଗତବର୍ଷ ମଧ୍ୟ ସମ ସଂଖ୍ୟକ ପିଲା ଏଠାରେ ଶିକ୍ଷାଲାଭ କରୁଥିଲେ । ତେଣୁ ବାସ୍ତବରେ କେତେପିଲା ଯୋଗ୍ୟତା ଆଧାରରେ ଶିକ୍ଷାଲାଭ କରୁଛନ୍ତି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ମାତ୍ର ୧୨ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏହି ବିଦ୍ୟାଳୟର ଶିକ୍ଷାଦାନ ଚାଲିଥିବାବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏହି ପିଲାଙ୍କୁ ମାତ୍ର ୨ ଜଣ ଶିକ୍ଷକ ପଢାଉଛନ୍ତି । ପ୍ରତ୍ୟେକ ଶ୍ରେଣୀ ପାଇଁ ପାଖାପାଖି ୩ ଜଣରୁ ବି କମ୍ ପିଲା ଭାଗରେ ପଡୁଛନ୍ତି । ସରକାର ପ୍ରାଥମିକ ଶିକ୍ଷାର ସଂସ୍କାର ଆଣୁଥିବାବେଳେ ଏହି ବିଦ୍ୟାଳୟର ଦୟନୀୟ ଅବସ୍ଥା ତାର ତିଷ୍ଠିବା ନେଇ ସନ୍ଦେହ ସୃଷ୍ଟି କରିଛି । ଏଠାରେ ପ୍ରାୟ ପାଞ୍ଚଶହ ମିଟର ଦୂର ଆଡିଆ, ଜିରିଣା, କଳାପାହାଡରେ ପ୍ରାଥମିକ ବିଦ୍ୟାଳୟ ଓ ଶିଶୁମନ୍ଦିର ରହିଛି । ଏପରିକି ଆଗରପଡା ଠାରେ ମଧ୍ୟ ଏକ ଶିଶୁମନ୍ଦିର ସହ ଇଂରାଜୀ ମିଡିୟମ୍ ସ୍କୁଲ ମଧ୍ୟ ଥିବାରୁ ଏଠାରେ ପିଲାସଂଖ୍ୟା ହ୍ରାସ ପାଉଛି । ଏହି ବିଦ୍ୟାଳୟର ଗୃହ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଛି । ଏଠାରେ ଅବସ୍ଥାପିତ ଦୁଇଜଣ ଶିକ୍ଷକ ମଧ୍ୟ ନିୟମିତ ଦରମା ପାଉଛନ୍ତି । ମାତ୍ର ଏଭଳି ସ୍ଥଳେ ପାଠ ପଢିବା ପାଇଁ ଆବଶ୍ୟକ ଛାତ୍ରଛାତ୍ରୀଙ୍କ ଅଭାବ ରହିଛି । ଏଣୁ ଶିକ୍ଷାର ଉନ୍ନତି ଦିଗରେ ସରକାରୀ ଡିଣ୍ଡିମ ପିଟୁଥିବାବେଳେ ଏହି ବିଦ୍ୟାଳୟରେ ଅର୍ଥ ଶ୍ରାଦ୍ଧ କେବଳ ସାର୍ ହେଉଛି । ଯାହା ଜଣାଯାଏ ବିଦ୍ୟାଳୟଟିର କୌଣସି ସ୍ଥାୟୀ ପାଚେରୀ ନଥିବାରୁ ଓ ଏହାର ସମ୍ମୁଖରେ ଏକ ପୋଖରୀ ଥିବାରୁ ଛୋଟ ଛୋଟ ପିଲାଙ୍କ ଜୀବନ ପ୍ରତି ତାହା ବିପଦ ସୃଷ୍ଟି କରୁଛି । ସେହିଭଳି ରୋଷେଇ ଘର ନଥିବାରୁ ଅପରିଷ୍କାର ପରିବେଶରେ ଉକ୍ତ ବ୍ୟବସ୍ଥା ଚାଲିଛି । ପରିସ୍ରାଗାରଟିଏ ନଥିବାରୁ ପିଲାମାନଙ୍କ ସମେତ ଶିକ୍ଷକମାନେ ମଧ୍ୟ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାନୀୟ ଜଳର ସୁବିଧା ନଥିବାବେଳେ ବିଦ୍ୟୁତ୍ ସଂଯୋଗୀକରଣ ଏପର୍ଯ୍ୟନ୍ତ ଏଠାରେ ହୋଇପାରିନାହିଁ । ବିଦ୍ୟାଳୟଟିକୁ ନିୟମିତ ରାସ୍ତାଟିଏ ନଥିବାରୁ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ବିପଦ ସଂକୁଳ ପରିସ୍ଥିତିରେ ନିମଗଡିଆରୁ ଯାତାୟତ କରୁଛନ୍ତି । ଏଭଳି ବିବିଧ ସମସ୍ୟାକୁ ନେଇ ଚାଲିଆସୁଥିବା ଏହି ଶିକ୍ଷାନୁଷ୍ଠାନର ସୁଧାର ସଂପର୍କରେ ସିଆରସିସିଙ୍କୁ ଯୋଗାଯୋଗ କରିବାରେ ସେ ବିଦ୍ୟାଳୟର ପିଲାସଂଖ୍ୟାକୁ ନେଇ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବିଷୟ ଏ ପ୍ରତିନିଧିଙ୍କୁ କହିଛନ୍ତି । ତେବେ ଏଭଳି ଏକ ଶିକ୍ଷାନୁଷ୍ଠାନର ସମସ୍ୟାକୁ ଯଦି ସୁଧାର ନକରାଯାଏ, ତେବେ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ ତାର କୁପ୍ରଭାବ ପକାଇବ ବୋଲି ସ୍ଥାନୀୟ ଜନସାଧାରଣ, ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଏଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଉଚିତ୍ ଦୃଷ୍ଟି ଦେବାକୁ ଦାବି ହୋଇଛି ।

## ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ: ଅଭିନେତା କମଲ ହାସନଙ୍କୁ ଡକ୍ଟରେଟ ଡିଗ୍ରୀ



ଜଟଣୀ,୧୯।୧୧(ପିଏନ):ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଅବସରରେ ବିଶିଷ୍ଟ ଅଭିନେତା ତଥା ପଦ୍ମଭୂଷଣ କମଲ ହାସନଙ୍କୁ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମାନ ସୂଚକଭାବେ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରିଛନ୍ତି । କମଲ ହାସନ୍ କହିଥିଲେ ଯେ, ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ପ୍ରଖ୍ୟାତ ରାଜନେତା । ମୁଁ ଓଡିଶାକୁ ରାଜନିତୀର ଶିକ୍ଷା ଗ୍ରହଣ କରିବା ଉଦେଶ୍ୟରେ ଆସିଛି । ମୋର ବିଶ୍ୱାସ ମୁଁ ଏଠାରୁ ଅନେକ କିଛି ଶିଖିବି । ଏଥି ସହିତ ଓଡିଶାର ଜଟଣୀ ସହରରେ ଥିବା ଉକ୍ତ ବିଶ୍ୱବିଦ୍ୟାଳୟରେ ସମସ୍ତ ବୈଷୟିକ ଶିକ୍ଷା ପ୍ରଦାନ ସହିତ ସିନେମାର ମଧ ଶିକ୍ଷା ଦିଆଯାଉ । ବୈଷୟିକ ଛାତ୍ର ଛାତ୍ରୀ , ଫାକଲ୍ଟି, କର୍ମଚାରୀ ପ୍ରଭୃତିଙ୍କୁ ବୈଷୟିକ ଜ୍ଞାନକୌଶଳର ଉପକାରିତା ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାର୍ତ୍ତା ଦେଇଥିଲେ । ଏହି ସମାରୋହ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଅଭିନେତା କମଲ ହାସନ ସେଞ୍ଚୁରିୟନ କ୍ୟାମ୍ପସ ପରିଦର୍ଶନ କରିଥିଲେ । ବୈଷୟିକ ଛାତ୍ରଛାତ୍ରୀଙ୍କ ଜ୍ଞାନ କୌଶଳ ଦ୍ୱାରା ସ୍କିଲ୍ଡ ଇନ୍ ଓଡିଶା କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ପାଇ ନିର୍ମିତ ବିଦ୍ୟୁତ ଟ୍ରାନ୍ସଫର୍ମର ୱାର୍କସପ୍ ସମ୍ବନ୍ଧରେ ପଚାରି ବୁଝିଥିଲେ । ଏଥି ସହିତ ଇଡକୋ ସହାୟତାରେ ପ୍ରତିଷ୍ଠିତ ଆପାରେଲ ଆଣ୍ଡ ଟେକ୍ସଟାଇଲ ସେଂଟର ଅଫ ଏକ୍ସେଲେନ୍ସ ସହଯୋଗରେ ପ୍ରତିଷ୍ଠିତ ହସ୍ପିଟାଲିଟି ସେଂଟର ଅଫ ଏକ୍ସେଲେନ୍ସ ପରିଦର୍ଶନ କରି ଶିକ୍ଷା ଲାଭ କରୁଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଗ୍ରହଣ ସମ୍ବନ୍ଧରେ ପଚାରି ବୁଝିଥିଲେ । ଏହା ସହିତ ଉକ୍ତ ଦୁଇ ଅଭିନେତା, ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ସୁନ୍ଦର ଚିତ୍ରକଳାକୁ ଉନ୍ମୋଚନ କରିଥିଲେ । ବିଶ୍ୱ ଦକ୍ଷତା ବିକାଶ ପ୍ରତିଯୋଗିତା-୨୦୨୧ ପାଇଁ ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତି ସହିତ ଡିଜିଟାଲ ଇଂଜିନିୟରିଂ ସେଂଟରରେ ଡିଜିଟାଲ ପ୍ରଡକ୍ଟ ଡିଜାଇନିଂ ର ସମୀକ୍ଷା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ସଭାପତି ପ୍ରଫେସର ମୁକ୍ତିକାନ୍ତ ମିଶ୍ରଙ୍କ ସହିତ ବିଶ୍ୱବିଦ୍ୟାଳୟର ସମସ୍ତ ଫାକଲ୍ଟି ମେମ୍ବର, କର୍ମଚାରୀ ଓ ସମସ୍ତ ବିଭାଗର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ ।

### ଧାନ କିଣାରେ ଟୋକେନ୍ ବ୍ୟବସ୍ଥାକୁ କୃଷକ ସଭାର ବିରୋଧ

ଭୁବନେଶ୍ୱର,୧୯।୧୧(ପି.ଏନ) ସରକାର ଅନ୍‌ଲାଇନ୍ ରେ ଚାଷୀ ରେଜିଷ୍ଟ୍ରେସନ୍ କଲାପରେ ଭୁବନେଶ୍ୱରରୁ ଟୋକେନ୍ ଯିବ ତାପରେ ଚାଷୀ ଧାନ ବିକ୍ରୀ କରିବା ପାଇଁ କାଳ କ୍ଷେପଣ କାର୍ଯ୍ୟ ଧାରା ହୋଇଛି ତାହା ପରିବର୍ତ୍ତନ ନହେଲେ ପ୍ରକୃତ ଚାଷୀ ଧାନ ବିକ୍ରୀ କରିପାରିବ ନାହିଁ ଫଳରେ ଅଭାବୀ ଧାନ ବିକ୍ରୀ ହେବ । ଏହି ଅବସ୍ଥାରେ ତୁରନ୍ତ ପରିବର୍ତ୍ତନ କରିବା ପାଇଁ ଯେଉଁ ଦାବୀ ଉଠିଛି ତାହା ଯଥାର୍ଥ । ଏ ସମ୍ପର୍କରେ ଚାଷୀ ସଂଗଠନର ପ୍ରତିନିଧିମାନଙ୍କ ସହ ଆଲୋଚନା ନକରି ସରକାର ମୁକାବିଲାର ମନୋଭାବ ଘୋଷଣା କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଓଡିଶା କୃଷକ ସଭା ପକ୍ଷରୁ କୁହାଯାଇଛି । ଏହି ପରିପ୍ରେକ୍ଷୀରେ ସରକାର ଚାଷୀଙ୍କ ଦାବୀକୁ ଗ୍ରହଣକରି ଚାଷୀମାନଙ୍କ ଠାରୁ ସହଜ ଓ ସରଳ ଉପାୟରେ ଧାନ ସଂଗ୍ରହ କରି, ଅଭାବୀ ବିକ୍ରୀକୁ ରୋକିବା ପାଇଁ କୃଷକ ସଭା ଦାବୀ କରିଛି।

## ରାଜ୍ୟ ସରକାର ଧାନ କିଣା ଲକ୍ଷ୍ୟ ବୃଦ୍ଧି କରନ୍ତୁ : ବିଜେପି କୃଷକ ମୋର୍ଚ୍ଚା

ଭୁବନେଶ୍ୱର,୧୯।୧୧(ପିଏନ):୨୦୧୮-୧୯ ଖରିଫ୍ ଋତୁରେ ରାଜ୍ୟ ସରକାର ୫୫ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବେ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ । ୨୦୧୮-୧୯ରେ ପାଖାପାଖି ୧୭ଟି ଜିଲ୍ଲାରେ ମରୁଡିରେ ଫସଲ ହାନି ହୋଇଥିବା କଥା ସରକାର ସ୍ୱୀକାର କରିଥିଲେ । ହେଲେ ଚଳିତ ବର୍ଷ ୨୦୧୯-୨୦ ଖରିଫ୍ ଋତୁ ଯେତେବେଳେ ବର୍ଷା ଭଲ ହୋଇଛି ଓ ଫସଲ ବି ଭଲ ହୋଇଛି ସେତେବେଳେ ରାଜ୍ୟ ସରକାର ୫୦ଲକ୍ଷ ମେଟ୍ରିକ୍ ଟ୍ରନ୍ ଧାନ କିଣିବେ ବୋଲି ଲକ୍ଷ୍ୟ କେମିତି ରଖିଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନିରେ ପ୍ରଶ୍ନ କରିଛନ୍ତି ରାଜ୍ୟ ବିଜେପି କୃଷକ ମୋର୍ଚ୍ଚାର ସଭାପତି ଶିବାଜୀ ମହାନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ ୨୦୧୮-୧୯ରେ ମରୁଡି ହେବା ସତ୍ତ୍ୱେ ସରକାର ଯେତିକି ଧାନ କିଣିଲେ ଚଳିତ ବର୍ଷ ଭଲ ଫସଲ ବେଳେ ତାଠାରୁ କମ ଧାନ କିପରି କିଣିବେ ତାହା ଏକ ବଡ ପ୍ରଶ୍ନ । ପଶ୍ଚିମ ଓଡିଶାରେ କିଛି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ଧାନ ହେବାର ସମ୍ଭାବନା ଅଛି ଏବଂ ଧାନ ବିକିବେ ବୋଲି ୧୨ଲକ୍ଷ ୫୦ହଜାରରୁ ଉର୍ଦ୍ଧ୍ୱ ଚାଷୀ ରେଜିଷ୍ଟ୍ରସନ୍ କରିଛନ୍ତି । ହେଲେ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ମାତ୍ର ୫୦ଲକ୍ଷ ମେଟ୍ରିକ୍ ଟ୍ରନ୍ । ଯେତେବେଳେ ମରୁଡି ପଡିଲା, କମ୍ ଚାଷୀ ରେଜିଷ୍ଟ୍ରସନ୍ କରିଥିଲେ ସରକାର ଲକ୍ଷ୍ୟ ରଖିଲେ ୫୫ ଲକ୍ଷ ମେଟ୍ରିକ୍ ଟନ୍ । ଯେତେବେଳେ ଭଲ ଧାନ ହେଇଛି ଏବଂ ଚାଷୀ ଅଧିକ ସଂଖ୍ୟାରେ ରେଜିଷ୍ଟ୍ରେସନ୍ କରିଛନ୍ତି ଧାନ ବିକିବା ପାଇଁ ସେତେବେଳେ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ୫୦ଲକ୍ଷ ମାଟ୍ରିକ୍ ଟନ୍ । ଏହା କମିବା କଥା ନା ବଢିବା କଥା ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଯେତେବେଳେ ବଢାଇବା କଥା ସେତେବେଳେ ସରକାର ଧାନ କମ କିଣୁଛନ୍ତି ଯାହାଫଳରେ ଚାଷୀ ବାଧ୍ୟ ହୋଇ କମ୍ ଦରରେ ମିଲରଙ୍କୁ ବିକ୍ରି କରିବ ଏବଂ ମିଲର୍ ତାର ଗଳା ବାଟ ଖୋଜି ତାକୁ ନେଇ ଚାଉଳ ବନାଇବ ଏହା ହେଉଛି ସରକାରଙ୍କର ଉଦ୍ଦେଶ୍ୟ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ପି-ପାସ୍ ସିଷ୍ଟମ୍ କରି ଚାଷୀମାନଙ୍କୁ ଅଯଥାରେ ହଇରାଣ କରୁଛନ୍ତି ସରକାର । ଏହି ବ୍ୟବସ୍ଥାରେ ଚାଷୀ ଯେଉଁମାନେ ରେଜିଷ୍ଟ୍ରସନ୍ କରିଛନ୍ତି ସେମାନେ ଯଦି ମଣ୍ଡିକୁ ଧାନ ଆଣିବେ ଏବଂ ମଣ୍ଡି ଦାୟିତ୍ୱରେ ଥିବା ସେକ୍ରେଟାରୀ ଯିଏ ଅଛନ୍ତି ଦାୟିତ୍ୱରେ ସେମାନେ ପାସ ପାଇଁ ଚାଷୀର ନାଁକୁ ପଠାଇବେ ଭୁବନେଶ୍ୱର । ଭୁବନେଶ୍ୱର ଠାରେ ପି. ପାସ୍ କଂଟ୍ରୋଲରୁମରୁ ଏହା ଆପ୍ରୋଭାଲ ହେଲା ପରେ ଯାଇ ଧାନ ବିକ୍ରି କରିପାରିବ ଚାଷୀ । ବିଗତ ଦିନରେ ଯେତେବେଳେ ପି.ପାସ୍ ବ୍ୟବସ୍ଥା ମଣ୍ଡିରେ କଂଟ୍ରୋଲ୍ ହେଉଥିଲା ସେତେବେଳେ ମଧ ଚାଷୀ ଧାନ ବିକ୍ରି କରିପାରୁନଥିଲା ଏବଂ ଦିନ ଦିନ ଧରି ଧାନ ପକାଇ ସେଠାରେ ତାକୁ ରହିବାକୁ ପଡୁଥିଲା । ଏବେ ଏହାକୁ ଭୁବନେଶ୍ୱରରେ କଂଟ୍ରୋଲ୍ କରାଇଲେ ଏହା ଆହୁରି ବିଳମ୍ବ ହେବ । କେଉଁଠି ନା କେଉଁଠି ସରକାର ଚାଷୀଙ୍କୁ ହଇରାଣ ହରକତ୍ କରିବା ଉଦ୍ଦେଶ୍ୟରେ ପି.ପାସ୍ କଂଟ୍ରୋଲ୍‌କୁ ଭୁବନେଶ୍ୱରରୁ ନିୟନ୍ତ୍ରଣ କରିଛନ୍ତି । ଆଜି ପଶ୍ଚିମ ଓଡିଶାର ବିଭିନ୍ନ ଜିଲ୍ଲାରେ ଚାଷୀ ମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ହଜାର ହଜାର କୁଇଂଟାଲ୍ ଧାନ ପକାଇ ଲୋକ ମାନେ ରାସ୍ତାରୋକ୍ କରିଛନ୍ତି ଓ କେତେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ହେଉଛି । ଯଦି ଏହି ବିଷୟକୁ ନେଇ ସରକାର ଠିକଣା ଅନୁଯାୟୀ କିଛି ପଦକ୍ଷେପ ନନେବେ ତେବେ ଆସନ୍ତା ଦିନରେ ଭାରତୀୟ ଜନତାପାର୍ଟି ର କୃଷକ ମୋର୍ଚ୍ଚା ରାଜରାସ୍ତାକୁ ଓହ୍ଲାଇବ ଏବଂ ଚାଷୀଙ୍କ ପାଇଁ ଲଢେଇ କରିବ ବୋଲି ଶ୍ରୀ ମହାନ୍ତି ଚେତାବନି ଦେଇଛନ୍ତି ।ଏହି ଅବସରରେ ରାଜ୍ୟ ଉପସଭାପତି ଶ୍ରୀ ସମୀର ମହାନ୍ତି ଏବଂ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ଟଙ୍କଧର ତ୍ରିପାଠୀ ଉପସ୍ଥିତ ଥିଲେ ।

## ଭିଡ଼ ହିଂସା ସୃଷ୍ଟିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ରାଜ୍ୟଗୁଡ଼ିକୁ ପରାମର୍ଶ ଜାରି କରାଯାଇଛି : କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ

ନୂଆଦିଲ୍ଲୀ , ୧୯।୧୧(ପି.ଏନ): ଭିଡ଼ ହିଂସା ମାମଲାରେ ଆଜି ଲୋକସଭାରେ ବିସ୍ତୃତ ଉତର ରଖିଛନ୍ତି କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ରାୟ । ସେ ଏକ ଲିଖିତ ଉତରରେ କହିଛନ୍ତି ଯେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନସିଆରବି) ଭିଡ଼ ହିଂସା ମାମଲାର ତଥ୍ୟ ରଖିନାହିଁ । ତେବେ ଆଇନଶୃଙ୍ଖଳା ବଜାୟ ରଖିବା ଏବଂ ଆଇନ ହାତକୁ ନେଉଥିବା ଲୋକଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ବିଭିନ୍ନ ସମୟରେ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଜାରି କରାଯାଇଛି । ମନ୍ତ୍ରୀ ସୂଚନା ଦେଇଥିଲେ ଯେ ଗତ ୨୩.୦୭.୨୦୧୮ ଏବଂ ୨୫.୦୯.୨୦୧୮ରେ ଏପରି ପରାମର୍ଶ ରାଜ୍ୟ ଓ କେନ୍ଦ୍ରଶାସିତ ପ୍ରଦେଶର ସରକାରଙ୍କୁ ଜାରି କରାଯାଇଥିଲା । ଦେଶରେ ଦେଖାଦେଉଥିବା ଭିଡ଼ ହିଂସା ମାମଲାର ମୁକାବିଲା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଏଥିରେ କୁହାଯାଇଥିଲା । ଏହାବ୍ୟତୀତ ଭିଡ଼ ହିଂସା ଭଳି ଅପରାଧର ମୁକାବିଲା ଲାଗି ସରକାର ଶବ୍ଦ ଓ ଦୃଶ୍ୟ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିଛନ୍ତି ।ମିଥ୍ୟା ଖବର ଏବଂ ଗୁଜବ କାରଣରୁ ଭିଡ଼ ହିଂସା ଓ ଆକ୍ରମଣ ବ୍ୟାପିବାର ଆଶଙ୍କା ଥିବାରୁ ଏହାର ପ୍ରଚାରପ୍ରସାର ଉପରେ କଟକଣା ଜାରି କରିବା ଲାଗି ସେବା ପ୍ରଦାନକାରୀଙ୍କୁ ସରକାର ସତର୍କ କରାଇଛନ୍ତି ।ଶ୍ରୀ ରାୟ କହିଥିଲେ ଯେ ୦୪.୦୭.୨୦୧୮ରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ମିଥ୍ୟା ଖବର ଓ ଗୁଜବ ପ୍ରସାର ଉପରେ ଅଙ୍କୁଶ ଲଗାଇବା ତଥା ଆଇନ ହାତକୁ ନେଉଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ନିର୍ଦ୍ଦେଶାବଳୀ ଜାରି କରାଯାଇଥିଲା । ଏଥିପୂର୍ବରୁ ୦୯.୦୮.୨୦୧୬ରେ ଗୋ-ସୁରକ୍ଷା ନାମରେ ଆଇନ ହାତକୁ ନେଉଥିବା ଦୁର୍ବୃତଙ୍କ ବିରୋଧରେ ତ୍ୱରିତ ଏବଂ କଠୋର ପଦକ୍ଷେପ ଗ୍ରହଣ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ସରକାରଙ୍କୁ କୁହାଯାଇଥିଲା ।








# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତ୍ରୁଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଳାନ୍ତ ଅନୁଭବ କରି ନାହାନ୍ତି ।

### ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିରେ ଅସ୍ତ୍ରୋପ୍ରଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କର୍ଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢ଼ିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।






# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।

-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।




# ବିପ୍ଳବ ରୂପ ଧାରଣା କଲା ସିଭିଲ ସୋସାଇଟିର ଆନ୍ଦୋଳନ

## ରାସ୍ତାକୁ ଓହ୍ଲାଇଲେ ଜନସାଧାରଣ, ସରକାର ନଛୋଡବନ୍ଧା




କେନ୍ଦୁଝର(ପିଏନ) : ଗତ ୧ ମାସ ଧରି ସରକାରଙ୍କୁ ଅନୁନୟ ବିନୟ କଲା ପରେ ମଧ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ନ ମିଳିବା ପରେ ଆଜି ବଡବିଲର ଜନସାଧାରଣ ବାଧ ହୋଇ ରାସ୍ତାକୁ ଓହ୍ଲାଇଛନ୍ତି । ଆଜି ସକାଳେ ୧ନଂ ୱାର୍ଡ ନାଲଦା ସୀମାନ୍ତରୁ ବଡବିଲର ଶହ ଶହ ମହିଳା ଓ ପୁରୁଷ ଏକାଠି ହୋଇ ଏକ ପଦଯାତ୍ରାରେ ଦୀର୍ଘ ୭କି.ମି. ସହର ମଧରେ ଅତିକ୍ରମ କରି କିରିବୁରୁ ଛକ ନିକଟ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ବଡବିଲ ତହସିଲଦାରଙ୍କୁ ଭେଟି ଏକ ଦାବିପତ୍ର ଦେଇଥିଲେ । ଗତ ମାସ ୧୯ତାରିଖ ଠାରୁ ବଡବିଲର ବିପର୍ଯ୍ୟସ୍ତ ମୁଖ୍ୟ ରାସ୍ତା ଓ ଗତ ୧୦ବର୍ଷ ଧରି ଫାଇଲରେ ବନ୍ଦ ଥିବା ବାଇପାସ୍ ରାସ୍ତା ତୁରନ୍ତ ନିର୍ମାଣ ଦାବି ନେଇ ବଡବିଲ ଜନସାଧାରଣ ବଡବିଲ ସିଭିଲ ସୋସାଇଟି ଜରିଆରେ ସରକାରଙ୍କୁ ଅନୁରୋଧ ଜଣାଇ ଆସୁଥିଲେ । ହଜାର ହଜାର ପୋଷ୍ଟକାର୍ଡ ମୁଖ୍ୟମନ୍ତ୍ରୀଙ୍କୁ ପଠାଇବା ସଙ୍ଗେ ସଙ୍ଗେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ମଧ ପତ୍ର ମାଧମରେ ବିନତୀ କରାଯାଇଥିଲା । କିନ୍ତୁ ସରକାର ଏ ସମସ୍ତ ଅନୁରୋଧକୁ କର୍ଣ୍ଣପାତ କରିନଥିଲେ । ଶେଷରେ ବାଧ ହୋଇ ଆଜି ଶହ ଶହ ନଗରବାସୀ ଦୀର୍ଘ ୭କି.ମି. ପଦଯାତ୍ରା କରି ସରକାରଙ୍କୁ ଅନ୍ତିମ ଚେତାବନୀ ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଉପାନ୍ତ ଅଂଚଳ ହୋଇଥିବା ଦୃଷ୍ଟିରୁ ଓ ଆଦିବାସୀ ଜନଜାତି ବହୁଳ ଅଂଚଳ ହୋଇଥିବାରୁ ଯୋଡା ଓ ବଡବିଲ ସହର ଦ୍ୱୟ ସର୍ବଦା ଅବହେଳାର ଶିକାର ହେଉଛନ୍ତି । ମାତ୍ରାଧିକ ଶିଳ୍ପାଞ୍ଚଳ ଗଢି ଉଠିବା ସହ ମାତ୍ରାଧିକ ଖଣିଜ ଦ୍ରବ୍ୟ ଉତୋଳନ ଏବଂ ପରିବହନ ସତ୍ୱେ ଏ ଅଂଚଳବାସୀ ସମସ୍ତ ସରକାରୀ ସୁବିଧାରୁ ବଂଚିତ ରହୁଛନ୍ତି । ଏ ସହର ଦ୍ୱୟରେ ପାଖାପାଖି ୨ଲକ୍ଷରୁ ଅଧିକ ଲୋକ ବସବାସ କରୁଥିବା ବେଳେ ଏଠାରେ କୌଣସି ଡାକ୍ତରଖାନା ନାହିଁ । ପ୍ରାଥମିକ ଉପଚାର ପାଇଁ ଗୋଟିଏ ସିଏଚ୍‌ସି ହିଁ ଏକମାତ୍ର ଭରଷା । ହଜାର ହଜାର ଟ୍ରକ୍ ଚାଲୁଥିବା ବେଳେ ରାସ୍ତାଘାଟ ନିର୍ମାଣ କରାଯାଉ ନାହିଁ । କୃଷି ଭିତିକ ଚାଷ ଜମି ଗୁଡିକରେ ଲୁହା ଗୁଣ୍ଡର ଆସ୍ତରଣ ପଡିଯିବା ଫଳରେ ଚାଷ ବାସ ସମ୍ପୂର୍ଣ୍ଣ ଠପ୍ ହୋଇ ଯାଇଛି । ସରକାରୀ ଅବହେଳାର ସୁଯୋଗ ନେଇ ଏ ଅଂଚଳରେ କାମ କରୁଥିବା ଶିଳ୍ପପତିମାନେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ପାଇଁ କୌଣସି ପଦକ୍ଷେପ ନ ନେବା ଫଳରେ ହଜାର ହଜାର ସ୍ଥାନୀୟ ଯୁବକ ଯୁବତୀ ବେକାର ବୁଲୁଛନ୍ତି । ଏହାର ପ୍ରତିବାଦରେ ଖଣି ସମୂହରେ ଶ୍ରମିକ ନିଯୁକ୍ତି ନେଇ ପ୍ରାୟ ସବୁ ସମୟରେ ଧାରଣା ଓ ଧର୍ମଘଟ ଲାଗି ରହୁଛି । ୨୦୧୫ ମସିହା ଜୁନ୍ ମାସରେ ତତ୍‌କାଳୀନ କେନ୍ଦୁଝର ଜିଲ୍ଲାପାଳ ଏନ୍. ତିରୁମାଲା ନାୟକ ଯୋଡା ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ନିମନ୍ତେ ଗଠନ କରିଥିବା କୋର କମିଟିର କାର୍ଯ୍ୟ ଇତି ମଧରେ ୪ବର୍ଷ ବିତି ଯାଇଥିଲେ ମଧ ଜନସାଧାରଣଙ୍କୁ ଅଗୋଚରା କରିଛନ୍ତି । ରାସ୍ତା ଘାଟ ଏତେ ଖରାପ ଯେ ଏ ଅଂଚଳର ସମସ୍ୟା ବୁଝିବା ପାଇଁ ଆସୁଥିବା ଉଚ୍ଚ ପଦାଧିକାରୀଙ୍କୁ ଜିଲ୍ଲା ସଦର ମହକୁମାରୁ ହିଁ ବିଦା କରି ଦିଆଯାଉଛି । ଅତ୍ୟଧିକ ଧୁଳି ଧୁଆଁରେ ଅତିଷ୍ଠ ହୋଇ ବଡବିଲର ହଜାର ହଜାର ସଂଖ୍ୟାରେ ଜନସାଧାରଣ ଶେଷରେ ରାଜରାସ୍ତାକୁ ଓହ୍ଲାଇ ସରକାରଙ୍କୁ ଚରମ ଚେତାବନୀ ଦେଇଛନ୍ତି । ଆସନ୍ତା ୧୯ ଓ ୨୦ ତାରିଖରେ ସ୍ଥାନୀୟ ମଧୁସୂଦନ ଛକ ଠାରେ ଗଣଧାରଣା ଦିଆଯିବ ବୋଲି ସିଭିଲ ସୋସାଇଟିର ଅବାହକ ଶ୍ରୀ ଅଶୋକ ଠକର ଓ ଉପଦେଷ୍ଟା ଶ୍ରୀ ସରୋଜ କୁମାର ମହାପାତ୍ର ପ୍ରକାଶ କରିଛନ୍ତି । ବିଧାୟୀକା ସୁଶ୍ରୀ ମୀନାକ୍ଷୀ ମହାନ୍ତ ଏବଂ ସାଂସଦ ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁ ସମସ୍ତ ଆଶ୍ୱାସନା ଦେଇଥିବା ସତ୍ୱେ ଏ ଅଂଚଳର ସମସ୍ୟା ପ୍ରତି ଆଖି ବୁଜି ଦେଇଥିବାରୁ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି । ଆଜିର ପଦଯାତ୍ରାରେ ସହରର ବିଭିନ୍ନ ସଂଗଠନ ଯୋଗ ଦେଇ ସିଭିଲ ସୋସାଇଟିକୁ ସମର୍ଥନ ଜଣାଇଛନ୍ତି । ତନ୍ମଧରେ ସଂଜୀବନୀ ମହିଳା ସଂଗଠନ, ପ୍ରୟାସ ଗ୍ରୁପ୍, ଗୁରୁଦ୍ୱାର ସିଂହ ସଭା, ବିର୍ଷା ମୁଣ୍ଡା ଆଦିବାସୀ ବିକାଶ ମୋର୍ଚ୍ଚା, ଆଦର୍ଶ ମହିଳା ସମିତି, ମା'ଲକ୍ଷ୍ମୀ ମହିଳା ସମିତି ପ୍ରମୁଖ ସାମିଲ ହୋଇଛନ୍ତି । ୧୦ବର୍ଷରୁ ଅଟକି ରହିଥିବା ବାଇପାସ ରିଂ ରୋଡ ତୁରନ୍ତ ନିର୍ମାଣ ସମ୍ବନ୍ଧରେ ଯଦି କୌଣସି ପଦକ୍ଷେପ ନ ନିଆଯାଏ ତେବେ ଆଗାମୀ ଦିନରେ ଅର୍ଥନୈତିକ ଅବରୋଧ ପରି ଚରମ ପଦକ୍ଷେପ ନିଆଯିବ ବୋଲି ଯୁବନେତା ଶ୍ରୀ ବିକାଶ ଦାଶ ପ୍ରକାଶ କରିଛନ୍ତି ।

# ବିବାହ ପାଇଁ ବଜାଜ ଫିନ୍‌ସର୍ଭରେ ବ୍ୟକ୍ତିଗତ ଋଣ

ଭୁବନେଶ୍ୱର: ବଜାଜ ଫିନସର୍ଭ ପକ୍ଷରୁ ବିବାହ କାର୍ଯ୍ୟ ପାଇଁ ବ୍ୟକ୍ତିଗତ ଋଣ ପ୍ରଦାନ କରାଯାଉଛି । ଗ୍ରାହକମାନେ ବିନା କୌଣସି ବନ୍ଧକରେ ୨୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ ଏବଂ ତାହାକୁ ସହଜ କିସ୍ତିରେ ଶୁଝିପାରିବେ । ବିବାହ ସମୟରେ ହେଉଥିବା ଅନେକ ଯୋଜନାବଦ୍ଧ ଓ ଯୋଜନା ବାହାର ଖର୍ଚ୍ଚକୁ ଏହା ଜରିଆରେ ଅତି ସହଜରେ ପୂରଣ କରିହେବ । କ୍ୟାଟରିଂ ଠାରୁ ଆରମ୍ଭ କରି ସାଜସଜ୍ଜା ପର୍ଯ୍ୟନ୍ତ ସବୁ କିଛି ଖର୍ଚ୍ଚ ତୁଲାଇବା ଲାଗି ଗ୍ରାହକମାନେ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତର ବଡ଼ ଋଣ ନେଇପାରିବେ । ଗ୍ରାହକମାନେ ଋଣକୁ ପରିଶୋଧ କରିବା ଲାଗି ୬୦ ମାସ ପର୍ଯ୍ୟନ୍ତର ସମୟ ପାଇବେ । ବଜାଜ ଫିନସର୍ଭର ଇଏମଆଇ କାଲକୁଲେଟରରେ କିସ୍ତି କେତେ ପଡ଼ିବ ତାହା ସହଜରେ ହିସାବ କରିହେବ । ଋଣ ପରିଶୋଧର ପ୍ରାରମ୍ଭିକ ସମୟରେ ଯଦି କେବଳ ସୁଧ ରାଶିକୁ ପ୍ରଥମେ ପରିଶୋଧ କରାଯିବ ତେବେ ପରବର୍ତି ସମୟରେ ଇଏମଆଇ ପରିମାଣ ୪୫% ପର୍ଯ୍ୟନ୍ତ କମିଯିବ । ବ୍ୟକ୍ତିଗତ ଋଣ ପାଇଁ ବଜାଜ ଫିନସର୍ଭର ଅତି ସହଜ ଯୋଗ୍ୟତା ମାନଦଣ୍ଡ ରହିଛି । ୨୫ରୁ ୩୫ ବର୍ଷ ବୟସର ବ୍ୟକ୍ତି, ଯେଉଁମାନେ ଭାରତରେ ବସବାସ କରୁଥିବେ ଓ ଭାରତର ନାଗରିକ ହୋଇଥିବେ, ଯେ କୌଣସି ବହୁଦେଶୀୟ କଂପାନି, ସରକାରୀ କିମ୍ବା ଘରୋଇ ସଂସ୍ଥାର ବେତନଭୋଗୀ କର୍ମଚାରୀ ହୋଇଥିବେ ସେମାନଙ୍କୁ ମାସିକ ବେତନ ଅନୁସାରେ ସେମାନେ ରହୁଥିବା ସହରକୁ ବିଚାରକୁ ନେଇ ବ୍ୟକ୍ତିଗତ ଋଣ ପ୍ରଦାନ କରାଯାଉଛି । ଯୋଗ୍ୟତା ମାନଦଣ୍ଡରେ ଯେଉଁମାନେ ଯୋଗ୍ୟ ବିବେଚିତ ହେବେ ସେମାନଙ୍କୁ କେବଳ ଏକ ଅନଲାଇନ ଫର୍ମ ପୂରଣ କରି ଆବଶ୍ୟକ କାଗଜପତ୍ର ସହ ଦାଖଲ କରିବାକୁ ହେବ । ଗ୍ରାହକମାନେ ନିଜର ପ୍ରି-ଆପ୍ରୁଭଡ୍ ଅଫରକୁ ମଧ୍ୟ ଅନଲାଇନ୍‌ରେ ଜାଣିପାରିବେ ।

# ବିଗ୍ ବଜାର ଏବଂ ଏଫ୍‌ବିବି ପକ୍ଷରୁ ପ୍ରଥମାଷ୍ଟମୀ ଉତ୍ସବ ପାଳିତ

## ଶିଶୁଦିବସ ଅବସରରେ ପିଲାମାନଙ୍କୁ ଉପହାର ପ୍ରଦାନ



ଭୁବନେଶ୍ୱର: ଶିଶୁଦିବସ ଅବସରରେ ବିଗ୍ ବଜାର ପକ୍ଷରୁ ମୌଳିକ ସୁବିଧାରୁ ବଂଚିତ ଛୋଟ ଛୋଟ ପିଲାମାନଙ୍କ ମୁହଁରେ ଖୁସି ନେଇ ଆସିଛି । ଏହା ସହ ଭାରତର ଅଗ୍ରଣୀ ହାଇପର ମାର୍କେଟ ଚେନ୍ ଫ୍ୟୁଚର ଗ୍ରୁପ୍ ଓଡିଶାବାସୀଙ୍କ ସହ ମିଶି ପ୍ରଥମାଷ୍ଟମୀ ଉତ୍ସବ ପାଳନ କରିଛି । ଏହି ଅବସରରେ ବିଗ୍ ବଜାର ତରଫରୁ ପିଲାମାନଙ୍କ ନୂତନ ବସ୍ତ୍ର ପ୍ରଦାନ କରିବା ସହ ରାଜ୍ୟର ୧୨ଟି ବିଗ୍ ବଜାର ଓ ୨ଟି ଏଫ୍‌ବିବି ଷ୍ଟୋରରେ ଆକର୍ଷଣୀୟ ଅଫର ଉପଲବ୍ଧ କରାଇଛନ୍ତି । ପାରମ୍ପରିକ ପ୍ରଥମାଷ୍ଟମୀ ପାଳନର ବିଧି ଅନୁଯାୟୀ ବିଗବଜାର ପିଲାମାନଙ୍କର ମାମୁଁ ହୋଇ ଭୁବନେଶ୍ୱରର ଡୁମୁଡୁମାସ୍ଥିତ ଏନ୍‌ଜିଓର ୩୦ରୁ ଉର୍ଦ୍ଧ୍ୱ ପିଲାମାନଙ୍କୁ ନିଜର ଏସ୍‌ପ୍ଲାନେଡ୍ ୱାନ୍ ମଲରେ ଥିବା ବିଗ୍ ବଜାର ଷ୍ଟୋରରେ ନୂତନ କପଡା ପ୍ରଦାନ କରିଥିଲେ । ଏହା ସହ ପିଲାମାନେ ମଲ୍ ବୁଲି ଦେଖିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଥମାଷ୍ଟମୀ ଅବସରରେ ବିଗ୍ ବଜାର ରାଜ୍ୟରେ ନିଜର ସମସ୍ତ ଷ୍ଟୋରରେ ଆକର୍ଷଣୀୟ ଅଫର ରଖିଛନ୍ତି । ୨୦୦୦ ଟଙ୍କାର କ୍ରୟ ଉପରେ ୧୯୯୯ଟଙ୍କା ଦେଇ ୬୫୦୦ ଟଙ୍କା ମୂଲ୍ୟର ଲଗେଜ୍ ବ୍ୟାଗ୍ ଅଥବା ୫୯୯ଟଙ୍କା ଦେଇ ୧୪୪୫ଟଙ୍କା ମୂଲ୍ୟରେ ଡିନ୍‌ର ସେଟ୍ ପାଇପାରିବେ । ପ୍ରଥମାଷ୍ଟମୀର ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଗ୍ ବଜାର ଇଷ୍ଟ ଜୋନ୍‌ର ସିଇଓ ମନୀଶ ଅଗ୍ରୱାଲ କହିଲେ, ବିଗ୍ ବଜାର ସବୁସମୟରେ ଗ୍ରାହକମାନଙ୍କୁ ନିଜର ପରିବାରର ସଦସ୍ୟ ଭାବେ ଗ୍ରହଣ କରିଥାଏ । ଶିଶୁ ଦିବସ ଅବସରରେ ଆମେ ଏହି କୁନି କୁନି ପିଲାମାନଙ୍କ ପାଇ ଖୁବ୍ ଆନନ୍ଦିତ । ପ୍ରଥମାଷ୍ଟମୀ ପାଳନ ଅବସରରେ ଆମେ ସମସ୍ତଙ୍କୁ ଆମ ଷ୍ଟୋରକୁ ଆସିବା ନିମନ୍ତେ ଆମନ୍ତ୍ରଣ କରୁଛୁ । ଆମର ପ୍ରତ୍ୟେକ ଷ୍ଟୋର ସେମାନଙ୍କର ପ୍ରଥମାଷ୍ଟମୀ ପାଳନ ନିମନ୍ତେ ବିଭିନ୍ନ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରସ୍ତୁତ ଅଛୁ ।

ଶିଶୁଦିବସ ଅବସରରେ ଅନ୍ୟ ଏକ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା ସଦସ୍ୟା ଅପରାଜିତା ଷଡଙ୍ଗୀଙ୍କ ଉପସ୍ଥିତିରେ ବିଗ୍ ବଜାର ଭୁବନେଶ୍ୱରର ଟେକ୍ସଟ୍ ବୁକ୍ ପ୍ରେସ୍ ନୋଡାଲ ହାଇସ୍କୁଲ ପ୍ରାଙ୍ଗଣରେ ଲିପ୍ କନ୍‌ସଲଟିଂ ସାମାଜିକ ଅନୁଷ୍ଠାନର ୪୦୦ରୁ ଉର୍ଦ୍ଧ୍ୱ ପିଲାମାନଙ୍କ ମଧ୍ୟରେ ଖାଦ୍ୟ ସାମଗ୍ରୀ ବିତରଣ କରିଥିଲେ ।

# ଶାଳପଶିରେ ପାନୀୟ ଜଳ ପାଇଁ ତ୍ରାହିତ୍ରାହି



କେନ୍ଦୁଝର(ପିଏନ.): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ପିଠାଗୋଳା ପଂଚାୟତର (ତମ୍ବାହରା) ଶାଳପଶି ନୂଆସାହିରେ ଆଦିବାସୀ ସଂପ୍ରଦାୟର ଲୋକମାନେ ପାନୀୟ ଜଳ ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଦୁଃଖର ବିଷୟ ଗ୍ରାମାଂଚଳରେ ଜଳ ଯୋଗାଣ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଶାଳପଶି ଗ୍ରାମର ଆଦିବାସୀ ଜନବସତି ନୂଆସାହିରେ ପାନୀୟ ଜଳ ପାଇଁ ଚୁଆ ହିଁ ଏକମାତ୍ର ସାହାଭରଷା । ନଳକୂପ କିମ୍ବା ଜଳ ଯୋଗାଣ ବ୍ୟବସ୍ଥା ସେମାନଙ୍କ ପାଇଁ ସାତସପନ ପାଲଟିଛି । ଚୁଆରୁ ଗୋଳିଆ ପାଣି ସଂଗ୍ରହ କରି ତାକୁ ପାନୀୟ ଜଳ ରୂପେ ବ୍ୟବହାର କରିବା ଦ୍ୱାରା ନିଜ ଜୀବନକୁ ବିପଦରେ ପକାଇବା ସହ ସମାନ ବୋଲି ନୂଆସାହିର ବାସନ୍ତି ମୁଣ୍ଡା, ମାଳତୀ ମୁଣ୍ଡା, ବିଶ୍ୱନାଥ ମୁଣ୍ଡାଙ୍କ ସହ ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି । ଆଗକୁ ଖରା ଦିନ ଆସୁଥିବାରୁ ଯଦି ପାନୀୟ ଜଳର ବ୍ୟବସ୍ଥା କରାନଯାଏ ତେବେ ସେହି ଚୁଆର ଗୋଳିଆ ପାଣି ହିଁ ସେମାନଙ୍କର ଭରଷା ବୋଲି ଅତି ଦୁଃଖର ସହ କହିଛନ୍ତି ଗ୍ରାମବାସୀ । ତେଣୁ ନୂତନ ନଳକୂପ ସ୍ଥାପନ କରିବାକୁ ବୁଦ୍ଧିଜୀବୀ ଗୌରାଙ୍ଗ ମହାନ୍ତଙ୍କ ସହ ଗ୍ରାମବାସୀ ଦାବି କରିଛନ୍ତି ।

# ନୂତନ ଉପଜିଲ୍ଲାପାଳ ଙ୍କ ଯୋଡା ପୌରପାଳିକା ପରିଦର୍ଶନ



କେନ୍ଦୁଝର(ପିଏନ) : ଯୋଡା ପୌରପାଳିକାକୁ ନୂତନ ଭାବେ ଯୋଗଦାନ କରିଥିବା ଚମ୍ପୁଆ ଉପଜିଲ୍ଲାପାଳ ତଥା ଯୋଡା ପୌରପାଳିକା ପ୍ରଶାସକ ପ୍ରତାପ ପ୍ରୀତିମୟ ସୋମବାର ପୂର୍ବାହ୍ନରେ ଯୋଡା ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପରିଦର୍ଶନ କରିଥିଲେ । ବିଶେଷକରି ବାଚୁହାଟିଂ ଠାରେ ନିର୍ମିତ ମାଇକ୍ରୋ କମ୍ପୋଷ୍ଟିଂ ସେଂଟର ଏବଂ ବିକେନ୍ଦ୍ରୀକୃତ କମ୍ପୋଷ୍ଟିଂ କେନ୍ଦ୍ରର କାର୍ଯ୍ୟ ତଦାରଖ ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରି ସନ୍ତୋଷ ପ୍ରକାଶ କରିଥିଲେ । ଅର୍ବାନ ଆଇସିଡିଏସ କେନ୍ଦ୍ର ପରିଦର୍ଶନ କରିବା ସହ ଉକ୍ତ କେନ୍ଦ୍ରର ସଠିକ୍ ରକ୍ଷଣା ବେକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତତପରେ ପୌର କାର୍ଯ୍ୟାଳୟରେ ଯୋଡା ପୌରପାଳିକା ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।

# ୟେସ୍ ବ୍ୟାଙ୍କ ଗ୍ରାହକ ଓ ସେମାନଙ୍କ ପରିବାରଙ୍କ ସହିତ ପାଳିଲେ ଶିଶୁ ଦିବସ



ଭୁବନେଶ୍ୱର : ୟେସ୍ ବ୍ୟାଙ୍କ ନିଜର ୧୧୦୦ଟି ଶାଖାରେ ବହୁ ଆନନ୍ଦ ସହକାରେ ୧୪ ନଭେମ୍ବର ୨୦୧୯ରେ ଶିଶୁ ଦିବସ ପାଳନ କରିଛି । ଏହି ଅବସରରେ ୟେସ୍ ବ୍ୟାଙ୍କ ନିଜର ଗ୍ରାହକ ଓ ସେମାନଙ୍କ ପିଲା ମାନଙ୍କୁ ନିମନ୍ତ୍ରଣ କରି ପଜଲ୍, କ୍ୟାରେମ୍, ସ୍କେଚିଙ୍ଗ୍ ଆଦି ଖେଳର ଆୟୋଜନ କରିଥିଲେ । ଏହାବ୍ୟତିତ ପିଲା ମାନଙ୍କୁ ସଞ୍ଚୟ, ନିବେଶ, ଏଟିଏମ୍ ଓ ଚେକ୍ ବୁକ୍‌ର ବ୍ୟବହାର ଆଦି ବିଷୟରେ ସଚେତନ କରିଥିଲେ ।

# ସ୍କୁଲ ଉନ୍ନୟନରେ ଅନିୟମିତତା ଅଭିଯୋଗ

ବାଲେଶ୍ୱର,୧୯/୧୧(ପିଏନ): ସ୍କୁଲରେ ଅନିୟମିତତା ନେଇ ଉତ୍ତ୍ୟକ୍ତ ହୋଇଛନ୍ତି ଗ୍ରାମବାସୀ । ସ୍କୁଲରେ ଲାଗିରହିଥିବା ଅଚଳାବସ୍ଥାକୁ ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଉପରେ ଗ୍ରାମବାସୀ ଅସନ୍ତୋସବ୍ୟକ୍ତ କରିଛନ୍ତି । ଏପରିକି ସ୍କୁଲରେ କେଉଁ ବାବଦରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପ୍ରଶ୍ନ ପଚାରିଥିଲେ ମଧ ସନ୍ତୋଷଜନକ ଉତ୍ତର ମିଳିନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକରେ ଥିବା ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟ ବିରୁଧରେ ଅଭଳି ଅଭିଯୋଗ ଆସିଛି । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅନେକ ସମୟରେ ସ୍କୁଲକୁ ବିଳମ୍ବରେ ଆସିବା, ସ୍କୁଲକୁ ଆସୁଥିବା ଅନୁଦାନର ଦୁରୁପଯୋଗ, ଶୌଚାଳୟରେ ସଫାସୁତୁରା ନରହିବା, ଛୁଟିରେ ରହି ମଧ ଉପସ୍ଥାନରେ ପ୍ରଧାନ ଶିକ୍ଷୟିତ୍ରୀ ଉପସ୍ଥିତ ରହିବା ଭଳି ଅଭିଯୋଗ କରିଛନ୍ତି ଗ୍ରାମବାସୀ । ମାତ୍ର ଏ ସମ୍ପର୍କରେ ଗ୍ରାମବାସୀ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିଥିଲେ ମଧ କୌଣସି ସନ୍ତୋଷଜନକ ଉତ୍ତର ନମିଳିବାରୁ ଗ୍ରାମବାସୀ ଔପଦା ବ୍ଲକ ଶିକ୍ଷାଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗନଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି ଗ୍ରାମବାସୀ । ଅନ୍ୟପକ୍ଷରେ ସ୍କୁଲ ଭିତରେ ଏମିତି ଜଣେ ମହିଳା ଶିକ୍ଷୟିତ୍ରୀଙ୍କୁ ଉଚ୍ଚ ସ୍ୱରରେ ପ୍ରଶ୍ନ ପଚାରିବାକୁ ନେଇ ସଂଘର ସମ୍ପାଦକ ସୁରେନ୍ଦ୍ର ନାଥ ବେହେରା ନିନ୍ଦା କରିଛନ୍ତି ।

# କାୟକଳ୍ପ ଆୱାର୍ଡ ପାଇଁ ଆରମ୍ଭ ହେଲା ସିଏଚ୍‌ସି ଓ ପିଏଚ୍‌ସି ସ୍ଥିତି ସମୀକ୍ଷା

ବାଲେଶ୍ୱର,୧୯/୧୧(ପିଏନ): ଜିଲ୍ଲାରେ ପହଞ୍ଚିଛନ୍ତି ତିନି ଜଣିଆ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଟିମ୍ । ଜିଲ୍ଲାର ବିଭିନ୍ନ ସିଏଚ୍‌ସି ଓ ପିଏଚ୍‌ସି ବୁଲି ସ୍ଥିତି ସମୀକ୍ଷା କରିଛି ଏହି ଟିମ୍ । କାୟକଳ୍ପ ଆୱାର୍ଡ ପାଇଁ ସୋମବାର ବାଲେଶ୍ୱର ଗସ୍ତରେ ପହଞ୍ଚିଛନ୍ତି ଏଟି ଟିମ୍ । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡା. ଅଞ୍ଜନା ପଣ୍ଡାଙ୍କ ନେତୃତ୍ୱରେ ପହଞ୍ଚିଥିବା ଟିମ୍‌ରେ ଡା. ତୃପ୍ତି ମିଶ୍ର ଓ ବି.କେ ପଣ୍ଡା ସାମିଲ ହୋଇଛନ୍ତି । ସେମାନେ ସରକାରୀ ମେଡିକାଲ କଲେଜ, ସମସ୍ତ ରେମୁଣାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ସେଠାକାର ସ୍ଥିତି ପରଖି ଥିଲେ । ବିଶେଷ କରି ରୋଗୀ ସେବାଠାରୁ ଆରମ୍ଭ କରି ଡାକ୍ତରଖାନାର ଆବଶ୍ୟକ ଡାକ୍ତର, ନର୍ସ, ଔଷଧ ଓ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥାକୁ ଯାଞ୍ଚ କରିଥିଲେ । ପ୍ରତ୍ୟେକ କେନ୍ଦ୍ରରେ ଥିବା ସମସ୍ୟା ଓ ସୁବିଧା ସୁଯୋଗ ଅନୁଧ୍ୟାନ ସହ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି । ଏହି ଟିମ୍ ତିନି ଦିନ ବାଲେଶ୍ୱରରେ ରହି ୪ଟି ସିଏଚ୍‌ସି ଓ ପିଅଚ୍‌ସି ସହ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ବୁଲି ରୋଗୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ସେବା ସହ ମେଡିକାଲର ଭିତିଭୂମି ଅନୁଧ୍ୟାନ କରିବେ । ଏହା ପରେ କାୟକଳ୍ପ ଆୱାର୍ଡ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱତନ୍ତ୍ର ଅନୁଦାନ ମିଳିଥାଏ ।

# ସଂକିର୍ତ୍ତନ ପ୍ରେମୀଙ୍କ ବିୟୋଗରେ ସ୍ମୃତିଚାରଣ ସଭା



ଚଣ୍ଡିଖୋଲ, ୧୯/୧୧(ପିଏନ)-ବଡ଼ଚଣା ବ୍ଲକ ଅଧିନସ୍ଥ ସୁଙ୍ଗୁଡ଼ା ଗ୍ରାମର ସଙ୍କିର୍ତ୍ତନ ପ୍ରେମୀ ସ୍ୱର୍ଗତ କ୍ଷିରୋଦ ଚନ୍ଦ୍ର ସାହୁଙ୍କ ଏକଦଶାହ ଉପଲକ୍ଷେ ଏକ ସ୍ମୃତି ଚାରଣ ସଭା ସମାଜ ସେବୀ ହେମନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ଧଳ, ବରିଷ୍ଠ କଳାକାର ରତ୍ନାକର ବଳ, ଅଧ୍ୟାପକ ଚନ୍ଦନ ପ୍ରଧାନ, ଶ୍ୟାମ ସୁନ୍ଦର ସଂକିର୍ତ୍ତନ ସଭାପତି ଅଭିରାମ ସାମଲ, ସଂପାଦକ ପ୍ରକାଶ ରାଉତ, ସଂକିର୍ତ୍ତନ ପ୍ରେକର ରଂଜନ କୁମାର ବାରିକ, ଚିତ୍ତରଂଜନ ସିଂ, ବାବନ ସାହୁ, ରତିକାନ୍ତ ସ୍ୱାଇଁ ଦିଲିପ ବଳ, ଅଶୋକ ପାତ୍ର, ସଂଗ୍ରାମ ଜେନା, ବିକ୍ରମ ମହାପାତ୍ର, ରଶ୍ମିରଂଜନ ସିଂ, ଅର୍ଜୁନ ଚରଣ ସାହୁ, ଅକ୍ଷୟ ରାଉତ, ଅରୁଣ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ କ୍ଷିରାଦ ସାହୁଙ୍କ ବହୁମୁଖି ପ୍ରତିଭାର ସ୍ମୃତି ଚାରଣ କରିଥିଲେ ।

# ମହାବିନାୟକ ବିଦ୍ୟାଳୟ, ବଡ଼ଚଣା ୧୯୬୬ ବ୍ୟାଚର ବନ୍ଧୁମିଳନ

ଚଣ୍ଡିଖୋଲ, ୧୯/୧୧(ପିଏନ)- ମହାବିନାୟକ ବିଦ୍ୟାଳୟ ବଡ଼ଚଣାର ୧୯୬୬ ବ୍ୟାଚର ଛାତ୍ରଛାତ୍ରୀ ଙ୍କ ଚତୁର୍ଦଶ ବନ୍ଧୁମିଳନ ୧୭/୧୧/ ୨୦୧୯ରିଖରେ ମହାବିନାୟକ ପୀଠରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ସୁନାକର ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବୀତନ ଶିକ୍ଷକ ପ୍ରଫେସର ଦୁର୍ଗାଚରଣ ପଣ୍ଡା ଓ ଶ୍ରୀ ଶୁକଦେବ ପତିଙ୍କ ସହ ୨୦ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ଶିକ୍ଷକଙ୍କୁ ମାଲ୍ୟାର୍ପଣ ପରେ ପୂର୍ବତନ ପ୍ରଧାନ ଶିକ୍ଷକ କାଶିନାଥ ମିଶ୍ର ମିଶ୍ର ଓ ସାଥି ରାମଚନ୍ଦ୍ର ସିଂଙ୍କ ବିୟୋଗରେ ଏକ ମିନିଟ ନିରବ ପ୍ରାର୍ଥନା ପରେ ସଭକାର୍ଯ୍ୟ ଆରମ୍ଭ ;ହୋଇଥିଲା । ସେକ୍ରେଟାରୀ ଶ୍ରୀ ବସନ୍ତ କୁମାର ରାଉତ ଗଲା ବର୍ଷର ବିବରଣୀ ପ୍ରଦାନ କରିଥିଲେ । ସାଥୀ ମାନଙ୍କ ମଧ୍ୟରୁ ଶ୍ରୀ ସୋମନାଥ ସ୍ୱାଇଁ, ଶ୍ରୀ ଜଗନ୍ନାଥ ସାମଲ, ଶ୍ରୀ ନିର୍ମଳ ଚନ୍ଦ୍ର ସାମଲ, ଶ୍ରୀ ନିରୋଦ ଚନ୍ଦ୍ର ଖିଲାର, ଶ୍ରୀ ଭଗବାନ ପଣ୍ଡା, ଶ୍ରୀ ମିହିର ପ୍ରସାଦ ମିଶ୍ର, ଭକ୍ତ ଚରଣ ନାୟକ, ଓ ଶ୍ରୀ ଚନ୍ଦ୍ରମଣୀ ସ୍ୱାଇଁ ଓ ଶ୍ରୀ ଅନ୍ତର୍ଯ୍ୟାମି ଜେନା ଇତ୍ୟାଦଦି ବକ୍ତବ୍ୟ ରଖିଥିଲେ । ପୂର୍ବତନ ଶିକ୍ଷକ ଶ୍ରୀ ଦୁର୍ଗାଚରଣ ପଣ୍ଡା ଓ ଶ୍ରୀ ଶୁକଦେବ ପତି ଏହି ବନ୍ଧୁମିଳନକୁ ଚଳାଇ ରଖିବା ପାଇଁ ଉଦ୍ୟମ କରିବା ସହ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ବନ୍ଧୁମିଳନକୁ ଅନ୍ୟତ୍ର କରାଯିବା ପ୍ରସ୍ତାବ ଆଲୋଚନା କରାଯାଇଥିଲା । ତଥା 'ମୋ ସ୍କୁଲ' ଅଭିଯାନରେ ଆମେ କିଭଳି ସହଯୋଗ କେରିପାରିବା , ସେ ବିଷୟ ମଧ୍ୟ ଆଲୋଚିତ ହୋଇଥିଲା । ଆସନ୍ତା ବର୍ଷ ପାଇଁ ଶ୍ରୀ ମିହିର ପ୍ରସାଦ ମିଶ୍ର ସଭାପତି, ଶ୍ରୀ ପଦ୍ମଚରଣ ନନାୟକ ସଂପାଦକ ଓ ଶ୍ରୀ ଅନ୍ତର୍ଯ୍ୟାମୀ ଜେନା, ଉପସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଶ୍ରୀ ଜଗନ୍ନାଥ ସାମଲ ଧନ୍ୟବାଦ ଅର୍ପଣ କଲା ପରେ ସଭା ସଭାପ୍ତ ହୋଇଥିଲା ।




# ପ୍ରଗତି ପଥରେ ଛତିଶଗଡ଼ ନା ଓଡ଼ିଶା ?



ମହାନଦୀ ଜଳକୁ ନେଇ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ମଧ୍ୟରେ ଯେଉଁ ବିବାଦ ଲାଗି ରହିଛି ଓ ବାରମ୍ବାର ଏହି ସମ୍ବାଦ ଗଣମାଧ୍ୟମରେ ପ୍ରଚାର ହେଉଛି, ତାହାର ଗୋଟିଏ ସୁଫଳ ହେଉଛି, ପ୍ରଗତିର ସଂଜ୍ଞା କ'ଣ (?), ତାହା ଏହି ଅଳସୁଆ ଜାତି ଧୀରେଧୀରେ ବୁଝିବାକୁ ଲାଗିଛି। ଦୀର୍ଘବର୍ଷ ହେଲା ଏହି କୋଢିଆ ଜାତିକୁ ବିକାଶ କହିଲେ ଯେ, ମାଗଣା ଆହାର, ମାଗଣା ବିହାର (ତୀର୍ଥ ଯାତ୍ରା) ଓ ମାଗଣା ମରଣ (ହରିଶ୍ଚନ୍ଦ୍ର ଯୋଜନା), ମାଗଣା କମ୍ବଳ, ସାଇକେଲ୍, ଯୋତା ଓ ଲ୍ୟାପ୍‌ଟପ୍ ଆଦି ନୁହେଁ, ତାହା ଧୀରେ ଧୀରେ ଏ ଜାତି ବୁଝିବାକୁ ଲାଗିଛି। ମାଗଣା ଘର ଦେବା ଅପେକ୍ଷା ଯେ ଘର ତିଆରି କରିବାର କ୍ଷମତା ହାସଲ୍ କରିବା ନିହାତି ଜରୁରୀ, ତାହା ଏପର୍ଯ୍ୟନ୍ତ ଆମ ଲୋକେ ବୁଝିପାରୁନାହାନ୍ତି। ମାଗଣାରେ ସବୁ ପାଇ କାମ ନକରି ନୋଟ୍ ନେଇ ଭୋଟ୍ ଦେବା, ଗୋରୁ ମେଣ୍ଢା ଭଳି ନେତାମାନଙ୍କ ଡାକରାରେ ଟଙ୍କା ଶହେଟା ଓ ଭାତ-ଡ଼ାଲମା ଖାଇ ଟ୍ରକ୍‌ରେ ବୁହା ହୋଇ ସମାବେଶକୁ ଯିବା ଆମ ଜାତୀୟ ଚରିତ୍ରରେ ପରିଣତ ହୋଇଗଲାଣି।

ସ୍ୱାଧୀନତା ବେଳକୁ ମଧ୍ୟ ପ୍ରଦେଶ ରାଜ୍ୟ ଆମ ଓଡ଼ିଶା ଠାରୁ ଆହୁରି ଅଧିକ ଅନୁନ୍ନତ ଥିଲା। ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉ ର ପ୍ରଦେଶକୁ ନେଇ 'ବିଆଇଏମ୍‌ଏଆରଓ' (ବିମାରୁ) ଶବ୍ଦର ସୃଷ୍ଟି ହୋଇଥିଲା। ଏହି ରାଜ୍ୟଗୁଡ଼ିକ ଥିଲା ଅନଗ୍ରସରର ପ୍ରତୀକ। ୨୦୦୦ ମସିହାରେ ମଧ୍ୟପ୍ରଦେଶରୁ ଭାଗ ହୋଇ ଛତିଶଗଡ଼ ରାଜ୍ୟ ସୃଷ୍ଟି ହେଲା। ସେତେବେଳେ ଏହି ଲେଖକ ରାୟପୁରରେ ଥିଲାବେଳେ ଦେଖିଥିଲେ, ପୁଳେ ପୁରୁଣା ଆମ୍ବାସଡ଼ର ଗାଡ଼ିକୁ ଆଣି ସେଥିରେ ନାଲିବତୀ ଲଗାଇ ମନ୍ତ୍ରୀ ଓ ପଦସ୍ଥ ଅଧିକାରୀଙ୍କ ପାଇଁ ଯୋଗାଇବାର ବ୍ୟବସ୍ଥା କରା ଯାଇଥିଲା। ମନ୍ତ୍ରୀ ଓ ବିଧାୟକମାନେ ହୋଟେଲ୍‌ରେ ରହୁଥିଲେ। ଏହାମଧ୍ୟରେ ଛତିଶଗଡ଼ ଦ୍ରୁତଗତିରେ ଆଗେଇ ଚାଲିଛି। ଜଳସେଚନ ଓ ଜଳ ସଂରକ୍ଷଣ ପାଇଁ ସେମାନେ ମହାନଦୀରେ ଶତାଧିକ ବ୍ୟାରେଜ୍ ଓ ବନ୍ଧ ନିର୍ମାଣ କରିସାରିଲେଣି। ରାଜ୍ୟର ସମସ୍ତ ଜମି ଜଳସେଚିତ ହୋଇପାରିଛି। ଶହ ଶହ ଶିଳ୍ପସଂସ୍ଥାକୁ ପାଣି ଯୋଗାଇବାର ବ୍ୟବସ୍ଥା କରାଯାଉଛି। ଗତ ଉମରକୋଟ ଉପ-ନିର୍ବାଚନ ବେଳେ ପ୍ରଚାର ପାଇଁ ଆସିଥିବା ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂହ ଛାତିରେ ହାତ ବାଡ଼େଇ କହିଥିଲେ ଯେ, ମୋ' ରାଜ୍ୟରେ କୌଣସି ଜଳବିଦ୍ୟୁତ୍ ପ୍ରକଳ୍ପ ନାହିଁ, ତଥାପି ମୋ' ରାଜ୍ୟରେ ପାୱାର କଟ୍ ନାହିଁ।

ଅଥଚ ଓଡ଼ିଶାରେ ୬୦ ଦଶକରେ ମହାନଦୀ ବକ୍ଷରେ ହୀରାକୁଦ ବନ୍ଧ ନିର୍ମାଣ ହେବା ପରେ ଆମେ ଦ୍ୱିତୀୟ ବନ୍ଧ ବା ବ୍ୟାରେଜ୍‌ଟିଏ ନିର୍ମାଣ କରିବାରେ ଅସମର୍ଥ ହୋଇଛୁ। ମହାନଦୀର ପାଣି ଆମରି ଆଗରେ ହୀରାକୁଦ ଡ୍ୟାମ୍‌ରୁ ବାହାରି ସମୁଦ୍ରକୁ ବହିଯାଉଛି। କୂଳରେ ଥିବା ଗାଁଗଣ୍ଡାକୁ ବୁଡ଼ାଇ ଦେଉଛି। ମହାନଦୀର ଅନ୍ୟ ବୃହ ଉପନଦୀ ତେଲ୍ ଓ ଇବ୍ ନଦୀରେ ମଧ୍ୟ କୌଣସି ଯୋଜନା ହୋଇପାରିନାହିଁ। ଦୀର୍ଘବର୍ଷର ସ୍ଥିର ଶାସନ ପରେ ମଧ୍ୟ ଗୋଟିଏ ଇଞ୍ଚ ଜମି ଅଧିକ ଜଳସେଚିତ ହୋଇପାରିନାହିଁ। ଏହାହିଁ ହେଉଛି, ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ବିକାଶର ପ୍ରଭେଦ। ମାଇକ୍ ଆଗରେ ରାଜ୍ୟ ପାଇଁ ଶେଷ ରକ୍ତବିନ୍ଦୁ ଦେବେ ବୋଲି ନେତାମାନେ ଯେଉଁ ଚିତ୍କାର ଛାଡୁଛନ୍ତି, ତାହା ଅତ୍ୟନ୍ତ ହାସ୍ୟାସ୍ପଦ। ମନ୍ତ୍ରୀମାନେ ଦଳୀୟ କର୍ମୀ ସାଜିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନବାବୁ ଯେଭଳି ଖୁସି ହେବେ ସେଥିପାଇଁ ଏମାନେ ଦିନରାତି ଏକାକାର କରି ଦେଉଛନ୍ତି। ଶାସନ କଥା ବୁଝିବାକୁ କେହି ନାହିଁ। କ'ଣ ଗୋଟିଏ ଆଳ କରି ପଥପ୍ରାନ୍ତ ନାଟକ ଜାରି ରଖୁଛନ୍ତି। ଏଣେ ରାଜ୍ୟକୁ ଅପପୁଷ୍ଟି, ଡେଙ୍ଗୁ, ମ୍ୟାଲେରିଆ ଓ ଆନ୍ଥ୍ରାକ୍ସ ଗ୍ରାସ କରିସାରିଲାଣି। ଏସବୁ କ'ଣ ବିକାଶର ସଂଜ୍ଞା ? ବାସ୍ତବତା ଦେଖାଗଲେ, ବିକାଶର ବହୁ ପଛରେ ରହି ଗଲାଣି ଓଡ଼ିଶା।

**ଡାକ୍ତର ସୁରେନ୍ଦ୍ରନାଥ ଦାଶ**
**ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ-୯୪୩୭୨୩୫୩୮୬**

## ମୋବାଇଲ ଟାୱାର ନିର୍ମାଣ ବିରୋଧରେ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର (ପିଏନ୍): ସହରର ଜନଗହଳି ଅଞ୍ଚଳ ନୁରପୁର ରୋଡ୍ ଖଲାସି ମହଲାରେ ଅର୍ଦ୍ଧନିର୍ମିତ ମୋବାଇଲ ଟାୱାର ନିର୍ମାଣ ପାଇଁ ନୁରପୁର ବସ୍ତି କମିଟି ଜିଲ୍ଲାପାଳଙ୍କଠାରେ ଦାବି କରିଛନ୍ତି। ସେହି ଅଞ୍ଚଳର ସେଖ୍ ଜେଫାତୁଲ୍ଲାଙ୍କ ପୁତ୍ର ସେଖ୍ ଜାହିଦ୍‌ଙ୍କ ଛୋଟ ଘର ଉପରେ କିଛି ଦିନ ପୂର୍ବରୁ ଏୟାରଟେଲ୍ କମ୍ପାନୀ ଏକ ଟାୱାର ନିର୍ମାଣ କରିଥିଲେ। ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ଜନଗହଳି ଅଞ୍ଚଳରେ ଟାୱାର ନିର୍ମାଣ ନକରିବା ପାଇଁ ସେତେବେଳେ ଲୋକେ ପ୍ରତିବାଦ କରିବା ସହ ଏହାକୁ ବନ୍ଦ କରିଥିଲେ। ଏପରିକି ବାଲେଶ୍ୱର ପୌରପାଳିକା, ବିଦ୍ୟୁତ୍ କମ୍ପାନୀ, ନେସ୍କୋ ଓ ଆଂଚଳିକ ପ୍ରଦୂଷଣ ବିଭାଗ ମଧ ଏହା ଉପରେ ଅଙ୍କୁଶ ଲଗାଇଥିଲେ। ଫଳରେ ଟାୱାରଟି ଅଧା ନିର୍ମାଣ ହୋଇ ରହିଥିଲା। ଏବେ ପୁଣି ଟାୱାର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଏୟାରଟେଲ୍ କମ୍ପାନୀ କ ୍ତୃପକ୍ଷ ଓ ଘର ମାଲିକ ସେଖ୍ ଜାହିଦ୍ ଉଦ୍ୟମ ଅରମ୍ଭ କରିଥିବା ବସ୍ତି କମିଟିର ସମ୍ପାଦକ ମହମ୍ମଦ ଇସଲାମ୍ ସୂଚନା ଦେଇଛନ୍ତି। ନୁରପୁର ବସ୍ତି କମିଟିରେ ଗୃହିତ ପ୍ରସ୍ତାବ ଓ ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ଅର୍ଦ୍ଧନିର୍ମିତ ଟାୱାରକୁ ବନ୍ଦ ପାଇଁ କର୍ମକ ୍ତାମାନେ ଅତିରିକ୍ତ ଜିଲ୍ଲାପାଳଙ୍କ ଠାରେ ଦାବି କରିଥିଲେ। ଏହି ଅବସରରେ କମିଟି ଓ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକଙ୍କୁ ପ୍ରଦାନ କରାଯାଇ ଥିଲା। ଏନେଇ ଉଚିତ୍ ପଦକ୍ଷେପ ଗ୍ରହଣ କରାନଗଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନ କରିବେ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଅଜିତ୍ ବେହେରା, ପ୍ରଫୁଲ୍ଲ ବେହେରା, ରାଜେନ୍ଦ୍ର ସାହୁ, ସେଖ୍ କବିର୍, ବ୍ରଜ ମୋହନ ସାହୁ, ରାଧାକୃଷ୍ଣ ବେହେରା, ମହମ୍ମଦ ଇସଲାମ୍ ପ୍ରମୁଖ ଉପସ୍ଥିତ ଥିଲେ।

# ପିଲା ଯାଉଥିଲେ ବାଲିଯାତ୍ରା...



କେବଳ ହଜାରେ ବର୍ଷର ସହରରେ ସମୃଦ୍ଧ କଟକ ନୁହେଁ ବରଂ ନୁହେଁ କେବଳ ଓଡ଼ିଶା। ସର୍ବଭାରତୀୟ ସ୍ତରରେ କଟକର ବାଲିଯାତ୍ରାର ସ୍ଥାନ ସ୍ୱତନ୍ତ୍ର। ସପ୍ତାହ ବ୍ୟାପୀ ଏହି ବାଲିଯାତ୍ରାରେ ଆନନ୍ଦ ଓ ମନୋହରର ବିପଣୀରେ ସାମିଲ ହେବାପାଇଁ ଅଗଣିତ ଜନସାଧାରଣଙ୍କ ଭିତରେ ପିଲାମାନେ ବି ସାମିଲ ହୋଇଥାନ୍ତି। ଆଉ ପିଲାମାନଙ୍କ ପାଇଁ ବାଲିଯାତ୍ରର ମହକ ବି ଏକ ସ୍ୱତନ୍ତ୍ର ସ୍ଥାନ ରଖିଥାଏ ତେବେ ସବୁଠାରୁ ବଡ଼କଥା ହେଉଛି ପିଲାଟିକୁ ଯେତେବେଳେ ବାଲିଯାତ୍ରା ଅଭିଭାବକମାନେ ବୁଲାଇ ନେଇଥାନ୍ତି ସଂପୂର୍ଣ୍ଣ ଭାବେ ତାହାର ସ୍ୱାସ୍ଥ୍ୟଗତ ଦିଗଟିକୁ କିନ୍ତୁ ଭୁଲି ଯାଇଥାନ୍ତି। ଯାହାଦ୍ୱାରା ପିଲାଟି ଏହି ବାଲିଯାତ୍ରା ପରି ମହାଯାତ୍ରାର ରୋଷଣୀର ଆନନ୍ଦରେ ସାମିଲ ହୋଇଥିଲେ ବି ପରବର୍ତ୍ତୀ ସମୟରେ ଦୁଃଖ ଓ ଯନ୍ତ୍ରଣା ପାଇଥାଏ। ବାଲିଯାତ୍ରା ଦେଖିବା ପାଇଁ କେବଳ କଟକ ନୁହେଁ ଆମ ରାଜ୍ୟର ବିଭିନ୍ନ ସ୍ଥାନରୁ ଅଗଣିତ ଦର୍ଶକ ଯାତ୍ରୀଙ୍କ ସ୍ରୋତ ଲୋକାରଣ୍ୟ ହୋଇଯାଇଥାଏ ମହାନଦୀର ପଠାରେ। ତେବେ ପିଲାମାନଙ୍କୁ ବାଲିଯାତ୍ରା ବୁଲାଇ ନେବାବେଳେ କିଛି ସ୍ୱାସ୍ଥ୍ୟଗତ ଦିଗକୁ ଦୃଷ୍ଟି ଦେଲେ ପରବର୍ତ୍ତୀ ସମୟରେ ଏହି ସୁଖ ଓ ଆନନ୍ଦ ଦୁଃଖର କାରଣ ପାଲଟନ୍ତା ନାହିଁ। ତେବେ ସର୍ବପ୍ରଥମେ ମନେରଖନ୍ତୁ ପିଲାମାନଙ୍କୁ ବିଳମ୍ବିତ ରାତ୍ରରେ ବୁଲାଇ ନେବା ଅପେକ୍ଷା ଦିନରେ ବା ଅପରାହ୍ନରେ ବୁଲାଇବା ପାଇଁ ଯୋଜନା ରଖନ୍ତୁ। ବାଲିଯାତ୍ରାଟି ଶୀତ ଦିନରେ ପଡୁଥିବାରୁ ଏବଂ ସହଜେ ବର୍ତ୍ତମାନ ଶୀତର ପ୍ରକୋପ ବଢ଼ିବା ସହ ନଦୀ କୂଳରେ ଏହାର କାକର ଭିଜା ଯନ୍ତ୍ରଣା ପରବର୍ତ୍ତୀ ସମୟରେ ପିଲାଟିକୁ ଯେପରି କଷ୍ଟ ନଦିଏ ସେ ଦିଗକୁ ଚିନ୍ତା କରିବା ଦାୟିତ୍ୱ ଅଭିଭାବକମାନଙ୍କର। ହଁ, ସବୁଠାରୁ ବଡ଼କଥା ହେଉଛି ପିଲାମାନଙ୍କୁ ବାଲିଯାତ୍ରା ନେବାବେଳେ ବାହାରେ ପାଣି ପିଆଇବା ଅପେକ୍ଷା ଘରୁ ବରଂ ବିଶୋଧିତ ପାଣି ନେଇଥାନ୍ତୁ। ବାଲିଯାତ୍ରାରେ ସହଯେ ତ ନାନା ରକମର ଆକର୍ଷଣୀୟ ଖାଦ୍ୟ ପିଲାମାନଙ୍କୁ ସ୍ୱଭାବିକ ଭାବେ ଟକଳା କରିଥାଏ। ତେବେ ଆପଣମାନେ ଏ ଦିଗକୁ ଭଲ ଭାବରେ ସଚେତନ ହୋଇ ଖାଦ୍ୟର ସ୍ୱାସ୍ଥ୍ୟଗତ ଦିଗକୁ ଦୃଷ୍ଟି ଦିଅନ୍ତୁ। ଯେପରି ଖାଦ୍ୟଟି ବାସି ବା ଭେଜାଲ ନହୋଇଥାଏ। ସେହିପରି ପିଲାମାନଙ୍କୁ ବାଲିଯାତ୍ରା ଗହଳିରେ ବୁଲାଇ ନେବାବେଳେ ନଈପଠାର ଧୂଳିର ଦିଗକୁ ଦୃଷ୍ଟି ଦିଅନ୍ତୁ। କେବଳ ଧୂଳି ନୁହଁ ଧୂଳି ସହିତ ବିଭିନ୍ନ ବିପଣୀର ନିଷ୍କାସିତ ଧୂଆଁ ଯେପରି ପିଲାଟିକୁ ପ୍ରଭାବିତ ନକରେ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। ପିଲାମାନେ ସହଯେ ବିଭିନ୍ନ ଦୋଳି ଓ ବୁଲାବୁଲି ପାଇଁ ଆଗ୍ରହ ରଖୁଥିବାବେଳେ ଏହା ଯେପରି ସେମାନଙ୍କ ଦେହ ପ୍ରତି ଅହିତକର ନହୁଏ ସେ ଦିଗକୁ ଭୁଲନ୍ତୁ ନାହିଁ। କାରଣ ଅନେକ ସମୟରେ ଦୋଳିର ଉଚ୍ଚ ଚକ୍ରି ପ୍ରଭାବ ପିଲାମାନଙ୍କ ମଥା ଘୁରାଇବା ସହ ସେମାନଙ୍କୁ ଯନ୍ତ୍ରଣାଦାୟକ ହୋଇଥାଏ। ତେବେ ସବୁଠାରୁ ବଡ଼ କଥା ହେଉଛି ପିଲାମାନଙ୍କୁ ଏହି ସମୟରେ କେବେ ବି ହାତ ପାହାନ୍ତାରୁ ଛାଡ଼ନ୍ତୁ ନାହିଁ କାରଣ ଅଧିକାଂଶ ସମୟରେ ଦେଖାଯାଏ ପିଲାମାନେ ଏପରି ଏକ ବଡ଼ ଯାତ୍ରାରେ ବୁଲି ବୁଲି ସହଯେ ତ ହାଲିଆ ହୋଇଥାନ୍ତି ତେବେ ବଡ଼ କଥା ହେଉଛି ସେମାନେ ପରବର୍ତ୍ତୀ ସମୟରେ ଘର ଲୋକଙ୍କ ସହାନୁଭୂତିରୁ ବଞ୍ଚିତ ହୋଇଥାନ୍ତି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପିଲାମାନଙ୍କୁ ବୁଲାଇବା ଦ୍ୱାରା ସହଯେ ଥଣ୍ଡା ଓ ସର୍ଦ୍ଦି ଅନୁଭୂତ ହୋଇଥାଏ। ସେହିପରି ପିଲାମାନେ ବିଭିନ୍ନ ଖାଦ୍ୟ ପ୍ରତି ଆଗ୍ରହ ରଖୁଥିଲେ ବି ଏହାର ପ୍ରସ୍ତୁତିଗତ ଦିଗକୁ ଆପଣ ସଚେତନ ରୁହନ୍ତୁ। ବାଲିଯାତ୍ରା ପରି ଏକ ବଡ଼ଯାତ୍ରାରେ ପିଲାଟି କୌଣସି ପ୍ରକାର ଆଘାତ ପାଇଲେ ଅଧିକ ସମୟ ନବୁଲାଇ ବରଂ ତୁରନ୍ତ ପ୍ରାଥମିକ ସ୍ୱାସ୍ଥ୍ୟର ସହାୟତା ନିଅନ୍ତୁ। ପିଲାଟି ହୁଏତ ଆନନ୍ଦରେ ବୁଲିବା ପାଇଁ ମନ ରଖିପାରେ କିନ୍ତୁ ପରବର୍ତ୍ତୀ ସମୟରେ ଏହି ଛୋଟିଆ ଆଘାତଟି ତା'ପାଇଁ ବଡ଼ କ୍ଷତିକାରକ ଦୁର୍ଘଟଣାକୁ ନିମନ୍ତ୍ରଣ ଯେ ନକରିବ ତାହା କହିବା ସମ୍ଭବ ନୁହେଁ। ପିଲାମାନଙ୍କୁ ବାଲିଯାତ୍ରା ବୁଲାଇନେବା ବେଳେ କିଛି ଅଭିଭାବକ ଖାଲି ପେଟରେ ନେଇଥାନ୍ତି। କାରଣ ପିଲାଟି ଯାତ୍ରାରେ ମନଭରି ଖାଇବ। କିନ୍ତୁ ଏହା ଠିକ୍ ନୁହେଁ। କାରଣ କିଛି ପିଲା ଖାଲି ପେଟରେ ରହିବା ଦ୍ୱାରା ବାନ୍ତି କରିପକାଇଥାନ୍ତି। ତେଣୁ ଏ କ୍ଷେତ୍ରରେ ସବୁଠାରୁ ବଡ଼ କଥା ହେଉଛି ଘରୁ ଯାହାବି ହେଲେ ପିଲାଟିକୁ କିଛି ଖୁଆଇ ବାଲିଯାତ୍ରା ନିଅନ୍ତୁ। ହୁଏତ ବାଲିଯାତ୍ରାରେ ଆପଣମାନେ ଭଲ ଭାବେ ସ୍ୱାସ୍ଥ୍ୟଗତ ଖାଦ୍ୟ ଖୁଆଇ ପାରନ୍ତି କିନ୍ତୁ ଖୁଆଇବା ପାଇଁ ଘରୁ ଖାଲି ପେଟରେ ନିଅନ୍ତୁ ନାହିଁ। ବାଲିଯାତ୍ରା ବୁଲାଇବା ସମୟରେ ପିଲାଟିର ସ୍କୁଲ, ପାଠପଢ଼ା ବା ସାନ୍ଧ୍ୟ ଟ୍ୟୁସନ ଯେପରି ପ୍ରଭାବିତ ନହୁଏ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। କିଛି ଅଭିଭାବକମାନେ ପିଲାମାନଙ୍କୁ ବାଲିଯାତ୍ରା ବୁଲାଇବାବେଳେ ଅଧିକ ରାସ୍ତା ଚଲାଇ ନେଇଥାନ୍ତି ଯାହାକି ସେମାନଙ୍କ ସ୍ୱାସ୍ଥ୍ୟଗତ ଯନ୍ତ୍ରଣାର କାରଣ ପାଲଟିଥାଏ। ଏ ଦିଗଟିକୁ ଆପଣମାନେ ଭଲ ଭାବେ ମନେରଖନ୍ତୁ। ପିଲାମାନେ ସ୍ୱଭାବିକ ଭାବେ ବିଭିନ୍ନ ରଙ୍ଗ ବେରଙ୍ଗର ଜିନିଷ ଓ ବିପଣୀର ଖାଦ୍ୟପେୟ ପ୍ରତି ଦୁର୍ବଳତା ପ୍ରକାଶ କରିଥାନ୍ତି। କିନ୍ତୁ ସବୁଠାରୁ ବଡ଼କଥା ହେଉଛି ପିଲାଟିର ସ୍ୱାସ୍ଥ୍ୟଗତ ଦିଗକୁ ଆପଣମାନେ ଯେପରି ନ ଭୁଲନ୍ତି। ଏହାଦ୍ୱାରା ପିଲାଟି ଭଲ ଭାବେ ବାଲିଯାତ୍ରାର ଆନନ୍ଦ ନେଇପାରିବ। ବାଲିଯାତ୍ରାରେ ବିଭିନ୍ନ ପ୍ରକାର ବାଣ ଓ ଆତସବାଜୀ ଠାରୁ ସେମାନଙ୍କୁ ଦୂରେଇ ରଖନ୍ତୁ। କାରଣ ପରବର୍ତ୍ତୀ ସମୟରେ ଏହା ସେମାନଙ୍କ ପାଇଁ ଯନ୍ତ୍ରଣାର କାରଣ ପାଲଟିଥାଏ। ଯଦି ପିଲାମାନେ ଓଟ ବା ଘୋଡ଼ାରେ ବୁଲିବାକୁ ଚାହାଁନ୍ତି ଅଭିଭାବକମାନେ ସେମାନଙ୍କ ସହିତ ପାଖେ ପାଖେ ରହିବା ଭଲ। ବାଲିଯାତ୍ରା ନିଶ୍ଚିନ୍ତ ଭାବେ ପିଲାଟି ପାଇଁ ଆନନ୍ଦ ଓ ମହୋତ୍ସବର ମହାପାର୍ବଣ କିନ୍ତୁ ଉପରୋକ୍ତ ସ୍ୱାସ୍ଥ୍ୟଗତ ଦିଗକୁ ଦୃଷ୍ଟିଦେଲେ ପିଲାଟି ନିଶ୍ଚିନ୍ତ ଭାବେ ବାଲିଯାତ୍ରାର ଆନନ୍ଦ ପାଇବ।

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତରାୟ,**
**ସହଯୋଗୀ ପ୍ରଫେସର (ଶିଶୁବିଭାଗ), ଶିଶୁଭବନ,**
**କଟକ, ଦୂରଭାଷ : ୯୪୩୭୧୨୪୦୭୪**

## ଇପିଏଫ୍ ପେନସନରର୍ସ ଆସୋସିଏସନ୍‌ର ବାଲେଶ୍ୱର ଜିଲ୍ଲା କମିଟି ଗଠିତ

ବାଲେଶ୍ୱର (ପିଏନ୍): ବିଭିନ୍ନ ସରକାରୀ ଉଦ୍ୟୋଗ, ବିଭିନ୍ନ ଘରୋଇ ପ୍ରତିଷ୍ଠାନ ଓ ଶିଳ୍ପ କାରଖାନାରେ କାର୍ଯ୍ୟ କରି ଅବସର ଗ୍ରହଣ ପରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରୁ ପେନସନ୍ ପାଉଥିବା ବ୍ୟକ୍ତିମାନଙ୍କର ଜିଲ୍ଲାସ୍ତରୀୟ କମିଟି ଗଠନ ହୋଇଛି। ସ୍ଥାନୀୟ ସମବାୟ ବ୍ୟାଙ୍କ୍ ସଭାଗୃହରେ ଅନୁଷ୍ଠିତ ବାଲେଶ୍ୱର ଜିଲ୍ଲା ପେନସନରସ୍‌ମାନଙ୍କ ବୈଠକରେ ଇଂ. ଅନାଦିଚରଣ ବେହେରା ଅଧକ୍ଷତା କରିଥିଲେ। ଦୀର୍ଘ ୩୦/୩୫ ବର୍ଷ କାର୍ଯ୍ୟକରି ଅବସର ନେବାପରେ ସ୍ୱଳ୍ପ ପରିମାଣ ପେନସନ୍‌ରେ କାଳାତିପାତ କରିବା ସମ୍ଭବପର ହେଉନଥିବାର ଉପସ୍ଥିତମାନେ ଅଭିଯୋଗ କରିଥିଲେ। ଏଥିପାଇଁ ରାଜ୍ୟ ଓ ଜାତୀୟସ୍ତରରେ ଗଠିତ ସଂଗଠନକୁ ସୁଦୃଢ଼ କରିବାକୁ ପଡ଼ିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ବାଲେଶ୍ୱର ଜିଲ୍ଲା କମିଟି ଗଠନ ପ୍ରସ୍ତାବ ଗୃହୀତହୋଇ ଇଂ. ଅନାଦି ଚରଣ ବେହେରା ସଭାପତି, ଇଂ. ସୁଶିଲ କୁମାର ବେହେରା ଓ ସୁଦର୍ଶନ ବିଶ୍ୱାଳ ଉପସଭାପତି, ବିଷ୍ଣୁ ପ୍ରସାଦ ମହାନ୍ତି ଜିଲ୍ଲା ସଂପାଦକ, ବ୍ରଜ କୁମାର ଦାସଙ୍କୁ କୋଷାଧକ୍ଷଭାବେ ନିର୍ବାଚିତ କରାଯାଇଛି। ବିଭିନ୍ନ ବ୍ଲକ୍ ସଂଗଠନପାଇଁ ଅରୁଣ କୁମାର କମିଳା, ସନ୍ୟାସୀ ବେହେରା, ଗଦାଧର ନାୟକ, ବିପିନବିହାରୀ ପଣ୍ଡା ଓ ମାୟାଧର ନାୟକଙ୍କୁ ସଂଗଠନ ସଂପାଦକଭାବେ ମନୋନୀତ କରାଯାଇଛି। ଅଫିସ୍ ସଂପାଦକଭାବେ ଉଠାଜଳସେଚନ ନିଗମ କର୍ମଚାରୀ ସଂଘ ସାଧାରଣ ସଂପାଦକ ଶ୍ୟାମସୁନ୍ଦର ଜେନାଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲ୍ଲା କମିଟିର ଉପଦେଷ୍ଟାଭାବେ ଇଂ. ଉଜ୍ଜ୍ୱଳ କୁମାର ଚାନ୍ଦ, ଗୌରାଙ୍ଗ ପାଣିଗ୍ରାହୀ ଓ ନିରଞ୍ଜନ ସାହୁଙ୍କୁ ମନୋନୀତ କରାଯାଇଛି। ଏହି ବୈଠକରେ ଉଠାଜଳସେଚନ, ଫରେଷ୍ଟ, ଆଗ୍ରୋ, ଇଡ୍‌କୋ, କୋଣାର୍କ ଟି.ଭି., ରାଜ୍ୟ ହ୍ୟାଣ୍ଡଲୁମ୍, ରାଜ୍ୟ ପରିବହନ ପ୍ରଭୃତି ସରକାରୀ ନିଗମର ଓ ବିରଳା ଟାୟାର୍ସ, ରୁପ୍‌ସା ଝୋଟକଳ, ବାଲିଆପାଳ ସୂତାକଳ, ବିଭିନ୍ନ ସମବାୟ ବ୍ୟାଙ୍କ୍, ଇମାମି ପେପର ମିଲ୍‌ସ ପ୍ରଭୃତି ସଂସ୍ଥାର ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଥିଲେ। ପ୍ରତିମାସର ୩ୟ ଶନିବାର ଦିନ ଜିଲ୍ଲା କମିଟି ବୈଠକ ବସିବାକୁ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଡିସେମ୍ବର ୫ ତାରିଖଦିନ ଦିଲ୍ଲୀସ୍ଥିତ ସଂସଦଭବନ ସମ୍ମୁଖ ସମାବେଶରେ ଯୋଗଦେବାକୁ ସଦସ୍ୟମାନଙ୍କୁ ଆହ୍ୱାନ ଦିଆଯାଇଛି। ବାଲେଶ୍ୱର ଜିଲ୍ଲାର ସମସ୍ତ ଇ.ପି.ଏଫ୍. ପେନ୍‌ସନ୍‌ଭୋଗୀମାନେ ତୁରନ୍ତ ସଭ୍ୟପଦ ଗ୍ରହଣ କରିବାକୁ ବୈଠକରେ ନିବେଦନ କରାଯାଇଛି।

## ସପ୍ତମ ଓଡ଼ିଶୀ ରାଗ ମହୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର (ପିଏନ୍): ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡ଼େମୀ ତରଫରୁ ସପ୍ତମ ଓଡ଼ିଶୀ ରାଗ ମହୋତ୍ସବ-୨୦୧୯ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଗତ ୧୪ ଓ ୧୫ ନଭେମ୍ବର ଦୁଇଦିନ ଧରି ଅନୁଷ୍ଠିତ ହୋଇଥିବା ଏହି ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପଦ୍ମବିଭୂଷଣ ଶ୍ରୀଯୁକ୍ତ ରଘୁନାଥ ମହାପାତ୍ର, ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଡ. ବିଜୟ ନାୟକ, ବିଶିଷ୍ଟ ଗବେଷକ ତଥା ସଙ୍ଗୀତଜ୍ଞ ଡ. କୀର୍ତ୍ତନ ନାରାୟଣ ପାଢୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା 'ଓଡ଼ିଶୀ ରାଗ ରତ୍ନାବଳୀ'ର ପଞ୍ଚମ ଭାଗ ଉନ୍ମୋଚିତ ହୋଇଥିଲା। ପରେ ପରେ ସଙ୍ଗୀତା ପଣ୍ଡାଙ୍କ ପରିଚାଳନାରେ ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡ଼େମୀର ବରିଷ୍ଠ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ରାଗସିନ୍ଧୁ କାମୋଦୀ ପରିବେଷଣ କରାଯାଇଥିଲା। ମର୍ଦ୍ଦଳରେ ଗୁରୁ ଧନେଶ୍ୱର ସ୍ୱାଇଁ ତବଲାରେ ଗୁରୁ କୁଳମଣି ସାହୁ ଓ ମୃଦଙ୍ଗରେ ଏସ୍ ସାଇରାମ ଓ ଶେଷ ପର୍ଯ୍ୟାୟରେ ଓଡ଼ିଶୀ ନୃତ୍ୟଗୁରୁର ଆଲୋକ କାନୁନ୍‌ଗୋ ଓ ସାଥୀଙ୍କ ଦ୍ୱାରା ପଲ୍ଲବୀ ତାରା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସଂସ୍କୃତି ବିଭାଗର ମୁଖ୍ୟ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଏବଂ ପ୍ରଖ୍ୟାତ ସାହିତ୍ୟିକ ତଥା ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡ଼େମୀର ଉପସଭାପତି ଡ. ଶାନ୍ତନୁ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଗୁରୁ ଶ୍ରୀ ରାମହରି ଦାସଙ୍କୁ 'ଗୁରୁ ସିଂହାରୀ ସମ୍ମାନ', ସୁଶ୍ରୀ ବୀଣାପାଣି ନାୟକଙ୍କୁ 'ଭଗବତୀ ସ୍ମୃତି ସମ୍ମାନ' ଏବଂ ଶ୍ରୀ ରୁପକ ପରିଡ଼ାଙ୍କୁ 'ଗୁରୁ ଗୋପାଳ ପଣ୍ଡା ଯୁବ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରିଥିଲେ ଏବଂ ଏକାଡ଼େମୀ ତରଫରୁ ସମ୍ମାନିତ ପ୍ରତିଭାମାନଙ୍କୁ ୧୦ ହଜାର ଲେଖାଏଁ ଅର୍ଥରାଶି, ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ପରେ ପରେ ଆରମ୍ଭ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ ସଙ୍ଗୀତ ତ୍ରିବେଣୀ- ହିନ୍ଦୁସ୍ତାନୀ, କର୍ଣ୍ଣାଟକୀ ଓ ଓଡ଼ିଶୀ ପରିବେଷଣ କରାଯାଇଥିଲା। ଏହି ତିନୋଟି ଶାସ୍ତ୍ରୀୟ ସଙ୍ଗୀତର ଗାୟନ ଶୈଳୀରେ ଥିବା ମୌଳିକ ପାର୍ଥକ୍ୟକୁ ପ୍ରତିପାଦନ କରିବା ସହ ଓଡ଼ିଶୀକୁ ଦୁଇଧାରର ସମକକ୍ଷ ବୋଲି ଉପସ୍ଥାପନ କରିବାର ପ୍ରୟାସ କରିଥିଲା। ହିନ୍ଦୁସ୍ତାନ ଶାସ୍ତ୍ରୀୟ ଗାୟନ କରିଥିଲେ ମୁମ୍ବାଇରୁ ଆସିଥିବା ଶ୍ରୀମତୀ ସଙ୍ଗୀତା ଚମୁହା। ଦ୍ୱିତୀୟ ସନ୍ଧ୍ୟାର ଶେଷ କାର୍ଯ୍ୟକ୍ରମ ଓଡ଼ିଶୀ ନୃତ୍ୟରେ ସ୍ୱର ସଂଯୋଜନା କରିଥିଲେ ଗୁରୁ ନିରଞ୍ଜନ ରାଉତ ଓ ସାଥୀମାନେ। ପଲ୍ଲବୀ ଓ ଅଭିନୟରେ ଓଡ଼ିଶୀ ସଙ୍ଗୀତର ଅତ୍ୟନ୍ତ ନିଜସ୍ୱ ଓ ଶହ ଶହ ବର୍ଷର ପରମ୍ପରାଗତ ରାଗ ପଞ୍ଚମ ବିରାଡ଼ି ଉପରେ ଆଧାରିତ ତାଙ୍କର ଏହି ଦୁଇଟି ଉପସ୍ଥାପନ ଗୁରୁ ଗୋପାଳ ପଣ୍ଡାଙ୍କ ତ ୍ୱାବଧାନରେ ସଙ୍ଗୀତ ସଂଯୋଜନା କରିଥିଲେ ଶ୍ରୀମତୀ ସଙ୍ଗୀତା ପଣ୍ଡା ଓ ବାଦ୍ୟ ସଂଯୋଜନା କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ ଡ. ମୃତ୍ୟୁଞ୍ଜୟ ରଥ।

## ମୀରାମ୍ବିକାର ଅଭୂତପୂର୍ବ 'ପେପର ବ୍ୟାଗ୍' ଅଭିଯାନ

କଟକ (ପିଏନ୍): ଓର୍ମାସ ସହଯୋଗରେ ମୀରାମ୍ବିକା ତରଫରୁ 'ପେପର ବ୍ୟାଗ୍' ପ୍ରଶିକ୍ଷଣ ଶିବିର, ପ୍ୟାକେଜିଂର ମୂଲ୍ୟବୋଧ ଏବଂ ପରିବେଶ ଅନୁକୂଳ ପ୍ୟାକେଜିଂ ଜିନିଷପତ୍ରର ପ୍ରଶିକ୍ଷଣ ଶିବିର କଟକ ବାଲିଯାତ୍ରାରେ ଆୟୋଜିତ ପଲ୍ଲୀଶ୍ରୀ ମେଳାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ 'ଓର୍ମାସ'ର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ ଏବଂ ଆମ ଗାଁ, ଆମ ମା', ଆମ ମୀରାମ୍ବିକାର ପ୍ରତିଷ୍ଠାତା ଜୀବନଜ୍ୟୋତି ବାରିକ ଯୋଗ ଦେଇ ସ୍ୱୟଂ ସହାୟିକା ମାଆମାନଙ୍କୁ ପେପର ବ୍ୟାଗ୍ ପ୍ରସ୍ତୁତି, ଆବଶ୍ୟକତା ଓ ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଶିବିରରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଅନ୍ୟୁନ ୨୫୦ଜଣ ମହିଳାଙ୍କୁ ସାମିଲ୍ କରାଯାଇଥିଲା। ଓର୍ମାସ ଓ ମୀରାମ୍ବିକାର ମିଳିତ ସହଯୋଗରେ ଏହି ଶିବିରରେ ପ୍ରସ୍ତୁତ ପେପର୍ ବ୍ୟାଗ ରାଜ୍ୟର ପ୍ରାୟ ତିରିଶ ଲକ୍ଷ ମହିଳାଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରାଯାଇପାରିଛି।

## ମୋନା ପକ୍ଷରୁ ଅବକାରୀ ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ

ଭୁବନେଶ୍ୱର (ପିଏନ୍): ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ ହୋଇଥିବା ଅସ୍ଥାୟୀ ମଦ ଲାଇସେନ୍ସ ନୀତି ଏବଂ ନୂତନ ମଦ ଦୋକାନ ଖୋଲିବା ନିୟମକୁ ବିରୋଧ କରି ମିଳିତ ଓଡ଼ିଶା ନିବାରଣ ଅଭିଯାନ (ମୋନା) ପକ୍ଷରୁ ଅବକାରୀ ମନ୍ତ୍ରୀ ଶ୍ରୀ ନିରଂଜନ ପୂଜାରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୋନା ପକ୍ଷରୁ ଏହି ବିକ୍ଷୋଭରେ ୧୦୦ରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିବାବେଳେ ଅନ୍ୟପଟେ ସଂଗଠନର ଏକ ପ୍ରତିନିଧି ମଣ୍ଡଳ ଅବକାରୀ ମନ୍ତ୍ରୀଙ୍କ ସହ ସାକ୍ଷାତ କରି ସେମାନଙ୍କ ଦାବୀ ଜଣାଇଥିଲା। ତେବେ ଏ ସଂପର୍କରେ ସଂଗଠନ ପ୍ରତିନିଧି ମଣ୍ଡଳଙ୍କୁ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ ଯେ, 'ସମସ୍ତ ଜିଲ୍ଲାପାଳମାନଙ୍କୁ ତାଙ୍କ ଅଜ୍ଞାନତାରେ ଚିଠି ଯାଇଛି ଏବଂ ଆଗାମୀ ଦିନରେ କୌଣସି ନୂଆ ମଦ ଦୋକାନ ଖୋଲିବ ନାହିଁ।' କେବଳ ଏତିକି ନୁହେଁ ସଂଗଠନର ପ୍ରତିନିଧିମଣ୍ଡଳଙ୍କୁ ମନ୍ତ୍ରୀ ପ୍ରତିଶୃତି ଦେଇ କହିଥିଲେ ଯେ, 'ଏ ସଂକ୍ରାନ୍ତ କାର୍ଯ୍ୟନୁଷ୍ଠାନ ସମ୍ପର୍କରେ ଆସନ୍ତା ୨୨ ତାରିଖ ସୁଦ୍ଧା ନିଷ୍ପତି ନିଆଯିବ।' ମନ୍ତ୍ରୀଙ୍କଠାରୁ ପ୍ରତିକ୍ରିୟା ପାଇବା ପରେ ମିଳିତ ଓଡିଶା ନିବାରଣ ଅଭିଯାନ (ମୋନା)ର ସଭାପତି ଶ୍ରୀ ପଦ୍ମଚରଣ ନାୟକ କହିଛନ୍ତି ଯେ, 'ଆଗାମୀ ୨୨ ତାରିଖ ସୁଦ୍ଧା ମନ୍ତ୍ରୀ ଯଦି ତାଙ୍କର ପ୍ରତିଶୃତି ପୂରଣ ନକରନ୍ତି, ତେବେ ଆଗାମୀ ଦିନ ବ୍ୟାପକ ଆନ୍ଦୋଳନ କରାଯିବ ଏବଂ ଏଥିପାଇଁ ନିଜେ ରାଜ୍ୟ ସରକାର ଦାୟୀ ରହିବେ।' ଏହି ବିକ୍ଷୋଭରେ ସଂଗଠନର ସଭାପତି ପଦ୍ମଚରଣ ନାୟକଙ୍କ ସମେତ ସଂପାଦକ କାହ୍ନୁଭାଇ, ମଳୟ ତ୍ରିପାଠି, ଖଗେଶ୍ୱର ବଳ, ଅର୍ଜୁନ ସାମନ୍ତରାୟ, ଖଗେଶ୍ୱର ବଳ, ଅର୍ଜୁନ ସାମନ୍ତରାୟ, ରାମଶଙ୍କର ଭାଇ କୈଳାଶ ମଲ୍ଲିକ, ଇନ୍ଦୁମତୀ ସାହୁ, ମହିଳା ମଦମୁକ୍ତି ଆନ୍ଦୋଳନର ଆବାହିକା ଅପର୍ଣ୍ଣା ନାୟକ, ବାସନ୍ତୀ ଆଚାର୍ଯ୍ୟ, କନକଲତା ଭଂଜ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ଧବିଶ୍ୱାସର ବଶବର୍ତ୍ତୀ ପରିବାର

ବାଲେଶ୍ୱର (ପିଏନ୍): ବିଜ୍ଞାନ ଦ୍ରୁତ ଗତିରେ ଆଗଉଥିବା ବେଳେ ଏପର୍ଯ୍ୟନ୍ତ ଅନେକ ସ୍ଥାନରେ ଅନ୍ଧବିଶ୍ୱାସ ଦୂର ହୋଇନାହିଁ। ପରିବାର ଲୋକେ ଅସୁସ୍ଥ ହୋଇଥିବା ଶିଶୁକୁ ଭୂତ ମାଡି ବସିବା କହି ଗୁଣିଆ ପାଖକୁ ନେଇଥିଲେ। ଏପରି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନା ଅଧିନସ୍ଥ ରାଣୀଗୁଡା ଗ୍ରାମରେ। ମହାଗବ ଗ୍ରାମର ଜୈନିକ ୧୦ ବର୍ଷ ନାବାଳକର ଦେହ ଅସୁସ୍ଥ ହୋଇପଡିଥିଲା। ପରିବାର ଲୋକେ ଡାକ୍ତରଖାନା ନେବା ବଦଳରେ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ରାଣୀଗୁଡା ଗ୍ରାମର ଜଣେ ଗୁଣିଆ ପାଖକୁ ନେଇ ପୁଅର ଚିକିତ୍ସା କରାଇଥିଲେ। ତେବେ ଗୁଣିଆଜଣକ ଚିକିତ୍ସା କରିବା ବାହାନାରେ ନାବାଳକକୁ ଭୂତ ଲାଗିଥିବା କହି ଜୋତା ପାଟିରେ ପୂରାଇ ଖାଇବାକୁ କହିଥିଲା। ପରେ ବାଡିରେ ତାକୁ ନିସ୍ଥୁକ ପିଟିଥିଲା। ଫଳରେ ନାବାଳକ ଜଣକର ଅବସ୍ଥା ଗୁରୁତର ହୋଇଥିବା ଜଣାପଡିଛି। ଗୁଣିଆର ନିର୍ଦ୍ଦୟ ମାଡ ମାରୁଥିବାର ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ମଧ୍ୟାହ୍ନ ଭୋଜନ ସଙ୍କଟ

ବାଲେଶ୍ୱର (ପିଏନ୍): ନୀଳଗିରି ଓ ବାଲେଶ୍ୱର ଅଞ୍ଚଳର ସ୍କୁଲକୁ ମଧ୍ୟାହ୍ନ ଭୋଜନ ଯୋଗାଉଥିବା କେନ୍ଦ୍ରୀଭୂତ ପାଟଶାଳା ନାମରେ ଆସିଛି ଅଭିଯୋଗ। ପିଲାଙ୍କ ସଂଖ୍ୟା ଅନୁସାରେ ଖାଦ୍ୟ କମ୍ ଆସିଥିବା ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ। ସୂଚନାଯୋଗ୍ୟ ଯେ ସହଦେବଖୁଣ୍ଟାସ୍ଥିତ ମ୍ୟୁନିସିପାଲ ଉଚ୍ଚ ନୋଡାଲ ସ୍କୁଲରେ ୧୮୦ ପିଲା ଥିଲା ବେଳେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ମଧ୍ୟାହ୍ନ ଭୋଜନ ପରିମାଣ କମ୍ ଥିବା ଦେଖିବାକୁ ମିଳିଥିଲା। ୪୦ ପିଲାଙ୍କ ପାଇଁ ଖାଦ୍ୟ ଆସିଥିବାରୁ ଏହାକୁ ନେଇ ସ୍କୁଲରେ କିଛି ସମୟ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପରେ କେନ୍ଦ୍ରିଭୂତ ପାଟଶାଳାର ଅଧିକାରୀ ମାନେ ଆସି ବାକି ପିଲାଙ୍କୁ ଖାଦ୍ୟ ଯୋଗାଇବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।


# DISPLAY CLASSIFIED

**FOR ADVERTISEMENT CONTACT**
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

**TARIFF:** 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
*A complete Chemistry point for funding fundamentals.*
Contact for Coaching in +2 Science, CBSE, OJEE (E&M), AIPMT & AIEEE

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Gyandeep
THE CRECHE

Praggan Communication




# ଭାଙ୍ଗିଗଲା ଜଟଣୀ ପାଣ୍ଡିଆବିଲି ଦୟାଘାଟ ଡଙ୍ଗା, ଯାତାୟତ ସମସ୍ୟା

ଜଟଣୀ, (ପିଏନ)- ଜଟଣୀ ବ୍ଲକ ଅନ୍ତର୍ଗତ ବେଣାପଜଂରୀ ପଚାଂୟତ ପାଣ୍ଡିଆବିଲି ଅଂଚଳରେ ଥିବା ଦୟା ନଦୀ ସାମୁହିକ ଘାଟ ଡଙ୍ଗା ଭାଙ୍ଗିଗଲା । ବର୍ଷ ତମାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଉଥିବା ଏହି ଘାଟରେ ଗ୍ରାମବାସୀଙ୍କ ଉଦ୍ୟମରେ ସର୍ବସାଧାରଣଙ୍କ ଯାତାୟତ ପାଇଁ ଡଙ୍ଗାଟିଏ ପଡିଥିଲା । ଦୀର୍ଘ ବର୍ଷ ଠାରୁ ଏହି ଡଙ୍ଗାରେ ପ୍ରତ୍ୟକ ଲୋକ ଯା ଆସ କରୁଥିବା ବେଳେ ସ୍କୁଲ ପିଲାମାନଙ୍କ ପାଇଁ ଏକ ମାତ୍ର ବ୍ୟବସ୍ଥା ଥିଲା । ମାତ୍ର ଏହା ଭାଙ୍ଗିଯିବା ପରେ ଏବେ ଉକ୍ତ ଅଚଂଳବାସୀଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଛି । ସୂଚନାନୁସାରେ, ଜଟଣୀ ପଚାଂୟତର ପାଣ୍ଡିଆବିଲି ଠାରେ ଥିବା ଦୟାନଦୀ ଘାଟରେ ବର୍ଷା ଦିନେ ବନ୍ୟାଜଳ ଆସିବା ପରେ ପୁରୀ ଓ ଖୋର୍ଦ୍ଧା ଜିଲାର ୪ ଟି ପଂଚାୟତର ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକେ ଜଟଣୀ, ଖୋର୍ଦ୍ଧା, ଭୂବନେଶ୍ୱର, କଟକ ସହିତ ସ୍ଥାନିୟ ଅଂଚଳର ବେଗୁନିଆପଡା, ତିରିମଲ, ବେଣାପଜଂରୀ ପ୍ରଭୃତିକୁ ଯାତାୟତ ପାଇଁ ଏକ ମାତ୍ର ବିକଳ୍ପ ବାଟ ହେଉଛି ପାଣ୍ଡିଆବିଲି ନଦୀ ଘାଟ ରାସ୍ତା । ଏହି ଘାଟ ପାରି ହେବାପାଇଁ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ଦିର୍ଘ ୧୦ ବର୍ଷ ତଳେ ଏକ ଡଙ୍ଗାର ଆୟୋଜନ ହୋଇଥିଲା । ଏଥିରେ ସମସ୍ତ ଗ୍ରାମବାସୀ ଯାତାୟତ କରୁଥିଲେ । କାଳକ୍ରମେ ଜନସଂଖ୍ୟା ବୃଦ୍ଧି ହେବା ସହିତ ଗାଡିମୋଟର ସଂଖ୍ୟା ବୃଦ୍ଧିପାଇ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଥିଲା । ସରକାରଙ୍କୁ ବାରମ୍ବାର ନିବେଦନ ପରେ ଏଠାରେ ବର୍ଷାଦିନେ ଅସ୍ଥାୟୀ ପୋଲ ନିର୍ମାଣ କରିବା ସହିତ ଖରାଦିନେ ସ୍ଥାୟୀପୋଲ ନିର୍ମାଣପାଇଁ ପ୍ରତିଶୃତି ମିଳିଥିଲା । ଏହି ଅଂଚଳର ପାଣ୍ଡିଆବିଲି, ବୁଢାଙ୍ଗରା, ଡେଲାଙ୍ଗଚାରିପଡା, ବିଟିପୁର ଓ ଜୋରକଣି ପ୍ରଭୃତିର ଆସନ୍ନପ୍ରସବା ମହିଳା, ପରିଣତ ବୟସ୍କାଙ୍କ ସହିତ ବିଦ୍ୟାର୍ଥୀମାନେ ଅନ୍ୟ ଋତୁ ଅପେକ୍ଷା ବର୍ଷାଦିନେ ଯାତାୟତରେ ବହୁ ସମସ୍ୟା ଉପୁଜିଥାଏ । ସରକାରଙ୍କ ପକ୍ଷରୁ ମିଳିଥିବା ବୋଟଟି ସଂପୁର୍ଣ୍ଣଭାବେ କାର୍ଯ୍ୟରେ ଲାଗୁନାହିଁ । ୮ କି:ମି ଦୁର ବାଟ ପାଇଁ ଲୋକେ ୪୦ କି:ମି ବାଟ ଯାଉଛନ୍ତି । ବର୍ଷାଦିନ ତ ଦୁରର କଥା ବର୍ତମାନ ସମୟରେ ଲୋକମାନେ ସାଇକେଲ ଓ ମୋଟରସାଇକେଲକୁ ଟେକି ନେଇ ଯାଉଥିବା ବେଳେ ବିଦ୍ୟାର୍ଥୀମାନେ ବହିବସ୍ତାନି ମୁଣ୍ଡରେ ଥୋଇ ଅଂଟାଏ ପାଣିରେ ବିପଦଜନକ ଅବସ୍ଥାରେ ନଦୀପାର ହେଉଥିବା ଦୃଶ୍ୟ ଅତି ସ୍ୱର୍ଶକାତର ହୋଇଥାଏ । ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇ କୌଣସି ଫଳପ୍ରଦ ନ ହେବାରୁ ସ୍ଥାନୀୟ ଅଂଚଳବାସୀ ନିରୁପାୟ ହୋଇ ଶେଷରେ, କିଏ କେମିତି ଯାଉଛ, ଯାଓ, ବୋଲି କହିଛନ୍ତି । ଏ ନେଇ ଗ୍ରାମବାସୀମାନେ ସଂାସଦ ଅପରାଜିତା ଷଡଙ୍ଗୀଙ୍କୁ ଭେଟିବେ ବୋଲି ସୁଚନା ମିଳିଛି । ଅନ୍ୟ ପକ୍ଷରେ ଉକ୍ତ ଗ୍ରାମଗୁଡିକ କୃଷିପ୍ରଧାନ ଅଂଚଳ ହୋଇଥିବା ବେଳେ ଏଠାରେ ଧାନ,ଚିନାବାଦାମ ଓ ପନିପରିବା ଚାଷ ହୋଇଥାଏ । ଯାତାୟତ ସମସ୍ୟାକୁ ନେଇ ଚାଷୀମାନେ ସେମାନଙ୍କର ଆମଦାନି ଫସଲକୁ ସରକାର ଏବଂ ସାଧାରଣରେ ବିକ୍ରୟ ପାଇଁ ସମସ୍ୟା ସୃଷ୍ଟି ହୋଇଛି । ଏ ନେଇ ଚାଷୀମାନଙ୍କୁ ବହୁ କ୍ଷତି ସହିବାକୁ ପଡୁଛି ବୋଲି କହିଥିଲେ ।


ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ପାଇଁ ପ୍ରସ୍ତୁତି ଚାଲିଛି

# ବିଦ୍ୟୁତ୍‌କାଟ ବିରୁଦ୍ଧରେ ବଢୁଛି ଜନ ଅସନ୍ତୋଷ

ଭଦ୍ରକ, (ପିଏନ)- ସରକାର ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ଉତ୍ତମ ଗ୍ରାହକ ସେବା ଯୋଗାଇ ଦେବାକୁ ଏହି ବିଭାଗର ଘରୋଇକରଣ କରିଥିଲେ । ବିଭାଗୀୟ କର୍ମଚାରୀଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ଏହା ଘରୋଇକରଣ ହେଲା । କିନ୍ତୁ ଭଦ୍ରକ ଜିଲାରେ ବିଦ୍ୟୁତ୍ ବଂଟନ ଦାୟିତ୍ୱରେ ଥିବା ନେସ୍କୋ କଂପାନୀ ଉତମ ସେବା ଦେବା ପରିବର୍ତେ ଏବେ ଗ୍ରାହକମାନଙ୍କୁ ଲୁଟିବାରେ ଲାଗିଛି । ଦୀର୍ଘଦିନରୁ ପଡିରହିଥିବା ତାରକୁ ନବଦଳାଇବା ଯୋଗୁଁ ଅନେକ ସମୟରେ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁବେଳେ ବିଦ୍ୟୁତ୍‌କାଟ ସମସ୍ୟା ସହ ଲୋ ଭୋଲଟେଜ୍ ଉକ୍‌ଟ ରୂପ ଧାରଣ କରିଛି । ଶୀତଦିନରେ ମଧ୍ୟ ଦୀର୍ଘଦିନ ଧରି ବିଦ୍ୟୁତ୍‌କାଟ ଚାଲିଛି । ମରାମତି ନାମରେ ପୂର୍ବରୁ ସୂଚନା ନଦେଇ ନେସ୍କୋ କର୍ତୃପକ୍ଷ ଦିନକୁ ୧୦ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍‌କାଟ କରିବାକୁ ପଛାଉନାହାଁନ୍ତି । ଆମ ରାଜ୍ୟର ଅନ୍ୟ ଜିଲାଗୁଡିକରେ ବିଦ୍ୟୁତ୍‌କାଟ ସୂଚନା ସଂପୃକ୍ତ କର୍ତ୍ତୃପକ୍ଷ ଖବର କାଗଜ ଓ ଟିଭି ମାଧ୍ୟମରେ ବିଜ୍ଞାପନ ଆକାରରେ ପ୍ରକାଶ କରୁଥିବାବେଳେ ଭଦ୍ରକରେ ତାହା ହେଉନାହିଁ । ଫଳରେ ଉପଭୋକ୍ତା ମାନଙ୍କ ମଧ୍ୟରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଛି । ଅପରପକ୍ଷରେ ଏବେ ବିଦ୍ୟୁତ୍ ବିଲ୍‌କୁ ନେଇ ମଧ୍ୟ ଜିଲା ତମାମ୍ ଅସନ୍ତୋଷର ବାତାବରଣ ଦେଖାଦେଇଛି । କେଉଁଠି ବିଦ୍ୟୁତ୍ ସଂଯୋଗ ନଥାଇ ବିଲ୍ ଆସିଲାଣି ତ ଆଉ କେଉଁଠି ଅତ୍ୟଧିକ ବିଲ୍ ଆସୁଥିବାର ଅଭିଯୋଗ ହୋଇଛି । ଅନେକ ସମୟରେ ତୃଟିପୂର୍ଣ୍ଣ ବିଲ୍ ଆସୁଥିବାର ଅଭିଯୋଗ ହେଉଥିଲେ ମଧ୍ୟ ଏହାକୁ ସଂଶୋଧନ କରାନଯାଇ ଅର୍ଥ ପୈଠ ନକଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଉଥିବାର ନଜିର ମଧ୍ୟ ଦେଖିବାକୁ ମିଳିଛି । ଅନୁରୂପ ଆଉଟ୍‌ସୋର୍ସିଂ ଷ୍ଟାଫ୍ ଭାବେ କେତେକ ଯୁବକ ନେସ୍କୋର ମିଟର ରିଡିଂ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ସେମାନେ ମିଟର ରିଡିଂ ନେବା ସମୟରେ ବହୁ ବେଆଇନ୍ କାର୍ଯ୍ୟ କରିଚାଲିଛନ୍ତି ।

ଜାଣିଶୁଣି ସଚଳ ମିଟରକୁ ଅକାମୀ କରିଦେଇ ମାସକୁ ମାସ ଏକ ନିର୍ଦ୍ଦିଷ୍ଟ ପରିମାଣର ୟୁନିଟ୍ ଥିବା ଲମ୍ବା କାଗଜ (ବିଲ୍) ସେମାନେ ଧରିଥିବା ମେସିନ୍‌ରୁ କାଢି ଉପଭୋକ୍ତାଙ୍କୁ ବଢାଇଦେଉଛନ୍ତି । ପ୍ରକୃତ ବିଲ୍ ୧୦୦୦ ଟଙ୍କା ଯେଉଁଠାରେ ହେବା କଥା, ସେମାନେ ତାହାକୁ ୨୦୦ ରୁ ୩୦୦ ମଧ୍ୟରେ ସୀମିତ ରଖି ହାତଗୁଂଜା ନେଉଥିବାର ମଧ୍ୟ ଜଣାପଡିଛି । ସେହିପରି ଟ୍ରାନ୍ସଫର୍ମର ଓଭରଲୋଡେଡ୍ ହୋଇଯାଉଥିବା କହି ବିଦ୍ୟୁତ୍ ସଂଯୋଗ ନାମରେ ଉକ୍‌ଟୋ କାରବାର ମଧ୍ୟ ଚାଲିଛି । ଅପରପକ୍ଷରେ ଘରୋଇକରଣକୁ ବିରୋଧ କରୁଥିବା ବିଦ୍ୟୁତ୍ ବିଭାଗର ବହୁ କର୍ମଚାରୀମାନେ ମଧ୍ୟ କଂପାନୀକୁ ବଦନାମ କରିବାକୁ ମଧ୍ୟ ପଛାଉନାହାଁନ୍ତି । ଏପରିସ୍ଥିତିରେ କଂପାନୀ ସିନା ଟାର୍ଗେଟ୍ ପୂରଣ କରୁଛି, କିନ୍ତୁ ଯେତିକି ଲାଭ କରିବା କଥା, ତାହା କରିନପାରି କ୍ଷତିରେ ଚାଲିଛି । ଏହି କ୍ଷତିଭରଣା ପାଇଁ କଂପାନୀ କେତେକ ପଦକ୍ଷେପ ଗ୍ରହଣ କରୁଛି, ଯାହାଫଳରେ ଉପଭୋକ୍ତାମାନେ ଶୋଷଣର ଶୀକାର ହୋଇଚାଲିଛନ୍ତି ।

# ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ ଉଦଘାଟିତ

ଝାରସୁଗୁଡ଼ା,(ପିଏନ)-ଜିଲ୍ଲା ସ୍ତରୀୟ ଯୁବ ମହୋତ୍ସବ ଝାରସୁଗୁଡ଼ା ଠାରେ ଉଦଘାଟିତ ହୋଇଯାଇଛି ।

ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଶିବ ଟପ୍ପୋ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିଥିଲେ । ଯୁବ ମହୋତ୍ସବ ଆୟୋଜନ ଦ୍ୱାରା ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା କଳାକାରମାନଙ୍କ ମଧ୍ୟରେ ଭାବ ବିନିମୟ ହେବା ସହିତ ଜାତୀୟ ସଂହତି ଓ ଭାଇଚାରା ସୃଷ୍ଟି ଏବଂ ଯୁବ କଳାକାରମାନଙ୍କ ଦ୍ୱାରା କଳା ନୈପୁଣ୍ୟ ପ୍ରଦର୍ଶନ ପାଇଁ ଏହି ମଂଚ ସହାୟକ ହେବ ବୋଲି ମୁଖ୍ୟ ଅତିଥି ଶ୍ରୀ ଟପ୍ପୋ କହିଥିଲେ । ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଯୁବ ମହୋତ୍ସବ ଆୟୋଜନ ଦ୍ୱାରା ଜିଲ୍ଲାର ଲୁକ୍କାୟିତ ଯୁବ ପ୍ରତିଭାମାନଙ୍କ କଳାର ବିକାଶ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ ।

ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶୀଲ ମିଶ୍ର ପ୍ରାକ ସୂଚନା ପ୍ରଦାନ ଅବସରରେ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।ଏହି ଦୁଇ ଦିନିଆ ଯୁବ ମହୋତ୍ସବରେ ଦଳଗତ ଭାବରେ ଲୋକନୃତ୍ୟ ଓ ଲୋକ ସଙ୍ଗୀତ ଏବଂ ଏକକ ଭାବରେ ହାରମୋନିଅମ , ତବଲା , ମୃଦଙ୍ଗମ ପରିବେଷିତ ହେବ । ମହୋତ୍ସବରେ ଶ୍ରେଷ୍ଠ ବିବେଚିତ ଦଳ ଓ ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ବିଚାରକ ଭାବରେ ଗୋକୁଳ ମୋହନ ପଟେଲ , ଶାନ୍ତନୁ ମହାପାତ୍ର , ପ୍ରଫୁଲ୍ଲ ନାଏକ,ପ୍ରମୋଦ ସା ଓ କୃଷ୍ଣଚନ୍ଦ୍ର ସେନ୍ଦରିଆ ଯୋଗଦାନ କରିଥିଲେ ।

# ଅବଧି ସରିଲା ପୋଲ ସରିଲାନି : ଲୋକଙ୍କ ଭରସା ବାଉଁଶଚାରା

ଭଦ୍ରକ, (ପିଏନ)- ଏହି ଜିଲା ଅଧୀନସ୍ଥ ବନ୍ତ ବ୍ଲକ୍ ଆଗରପଡାର ୩ ଗୋଟି ସ୍ଥାନରେ ସାଳନ୍ଦୀ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅବଧି ସରିବା ପରେବି ବିଜୁ ସେତୁ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ନହେବା ସରକାରଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି । ଅସଂପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ଲୋକେ ବର୍ତମାନର କୁହୁଡିଆ ଶୀତ ସକାଳରେ ବିପଦପୂର୍ଣ୍ଣ ବାଉଁଶଚାରାରେ ନଦୀ ପାରି ହେଉଥିବାର ଦୃଶ୍ୟ ସମସ୍ତଙ୍କୁ ଚକିତ କରିଛି । ଆଗରପଡାପସ୍ଥିତ ଟିକିରା-ଶ୍ରୀରାମପୁର ଗ୍ରାମକୁ ସଂଯୋଗୀକରଣ ନିମନ୍ତେ ସାଳନ୍ଦୀ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ବିଜୁ ସେତୁ ଶୁଭଦିଆ ହେବା ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲାଣି । ତଥାପି ଏପର୍ଯ୍ୟନ୍ତ ନିର୍ମାଣ ସରୁନି । ଏହି ସମୟ ଭିତରେ ମାତ୍ର ଖୁମ୍ବ ନିର୍ମାଣ କରାଯାଇ କାର୍ଯ୍ୟ ଅଟକିଛି । ଉକ୍ତ ଅଂଚଳର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ଆଗରପଡା କିନ୍ତୁ ସାଳନ୍ଦୀ ନଦୀ ଏଥିରେ ବାଧକ ସୃଷ୍ଟି ହେଉଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ଦାବି ଫଳରେ ସାଂସଦ ଓ ବିଧାୟକଙ୍କ ସହଯୋଗରେ ବିଜୁ ସେତୁ ନିର୍ମାଣ ଲାଗି ୪ କୋଟି ୨୧ ଲକ୍ଷ ୯୨ ହଜାର ୪୨୦ ଟଙ୍କାର ପ୍ରକଳ୍ପ ମଂଜୁର ହୋଇଥିଲା । ଏହାର ଲମ୍ବ ୬୦.୧୫ ମିଟର ଓ ପ୍ରସ୍ଥ ୮.୩୫ ମିଟର । ୨୦୧୬ ଫେବୃୟାରୀ ୪ ତାରିଖରେ ନିର୍ମାଣ ହୋଇ ୨୦୧୭ ଅକ୍ଟୋବର ୩ ରେ କାର୍ଯ୍ୟ ଶେଷ ହେବାର ଥିଲା । କିନ୍ତୁ ନିର୍ମାଣ ଅବଧି ସରିଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଖମ୍ବରେ କାର୍ଯ୍ୟ ଅଟକି ଥିବାରୁ ବିଜୁ ସେତୁ ସଂପୂର୍ଣ ହେବାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଭାବ ପ୍ରକାଶ ପାଇଛି । ଶ୍ରୀରାମପୁର, ସାହୁପଡା, ଗୋପୀନାଥପୁର, ମାର୍କଣ୍ଡପୁର ଆଦି ଗ୍ରାମବାସୀମାନେ ସେତୁ ନିର୍ମାଣ ହୋଇନଥିବାରୁ ଯାତାୟତ କରିବାରେ ନାନାଦି ଦୁର୍ଦ୍ଦଶା ଭୋଗୁଛନ୍ତି । ସେହିପରି ଆଗରପଡାସ୍ଥିତ ଚାରିଗାଁ-ଚକ୍ରାପାଢୀ ବିଜୁସେତୁ ନିର୍ମାଣ ଲାଗି ୪ କୋଟି ୬୬ ଲକ୍ଷ ୬୮ ହଜାର ୪୦୧ ଟଙ୍କା ମଂଜୁର ହୋଇଥିଲା । ଗତ ୧୦ ସେପ୍ଟେମ୍ବର ୨୦୧୫ ରେ ଏହି ବିଜୁ ସେତୁର ନିର୍ମାଣ କାର୍ଯ୍ୟ ଶେଷ ହେବାର ଥିଲେ ମଧ୍ୟ ତାହା ହୋଇପାରୁନାହିଁ । ଏହାଫଳରେ ଉକ୍ତ ପୋଲ ଉପରେ ନିର୍ଭର କରୁଥିବା ବାଲେଶ୍ୱର ଜିଲା ଖଇରା, ସିମୁଳିଆ, ଅନ୍ତରା, ଡୁଙ୍ଗୁରା, ବରୋଦା, ଗରସିଙ୍ଗ ସମେତ ଭଦ୍ରକ ଜିଲା ବାଣିତିଆ, ବାଲିପୋଖରୀ, ବଡମହିଷଗୋଠ, ଚାରିଗାଁ, ଅଣିଜୋ, ଗୋପୀନାଥପୁର, ପାହାଡପୁର, ଇଟୁଆ, ଚକ୍ରାପାଢୀ ଗ୍ରାମର ଜନସାଧାରଣମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସଂପୃକ୍ତ ଅଂଚଳର ଲୋକ ପୂର୍ବବତ ୮ କିମି ରାସ୍ତା ବୁଲିକରି ଆସି ବ୍ଲକ୍, ତହସିଲ, ଡାକ୍ତରଖାନା, ସ୍କୁଲ, କଲେଜ ଆଦିକୁ ଯାଉଛନ୍ତି । ଆମ୍ବୁଲାନ୍ସ ଓ ଦମକଳ ପରି ଜରୁରୀ ସେବା ପାଇବାରୁ ବଂଚିତ ହେଉଛନ୍ତି । ଅନୁରୂପ ଭାବେ ଆଗରପଡାସ୍ଥିତ ଅଣିଜୋ ପଂଚାୟତ ନରିପୁର ଠାରେ ବିଜୁ ସେତୁ ଲାଗି ଦୁଇ ଥର ଶିଳାନ୍ୟାସ କାର୍ଯ୍ୟ ହୋଇଥିଲେ ସୁଦ୍ଧା ନିର୍ମାଣ କାର୍ଯ୍ୟ ଆଶାଜନକ ଅଗ୍ରସର ହେଉନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଲୋକେ ନଦୀ ପାରି ହେବାପାଇଁ ବାଉଁଶଚାରା ଉପରେ ନିର୍ଭର କରୁଛନ୍ତି । ଏହି ସେତୁ ନିର୍ମାଣ ପାଇଁ ୮ କୋଟି ୧୪ ଲକ୍ଷ ୪୩ ହଜାର ୫୫୪ ଟଙ୍କା ମଂଜୁର ହୋଇଛି । ସରକାରୀ ସ୍ତରରେ ଯୋଜନା ପରେ ଯୋଜନା କରାଯାଉଛି । ନିମ୍ନମାନର କାର୍ଯ୍ୟ ଓ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁଁ ସାଧାରଣ ଜନତା କେବଳ ହନ୍ତସନ୍ତ ହେବା ସାର ହେଉଛି । ସ୍ଥାନୀୟ ନେତା, ଯନ୍ତ୍ରୀ ଓ ଠିକାଦାରଙ୍କ ସଲାସୁତୁରାରେ ପ୍ରାୟ ସମସ୍ତ ଉନ୍ନୟନ କାର୍ଯ୍ୟ ଚାଲୁଛି । ଅବଧି ଶେଷ ପରେ ବର୍ଷାଧିକ କାଳ ଅତିକ୍ରମ କଲେ ମଧ୍ୟ କାର୍ଯ୍ୟ ଶେଷ ହେଉନଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

# ୧୦ମ ଶ୍ରେଣୀ ଛାତ୍ରଙ୍କ ଆତ୍ମହତ୍ୟା

ଭଦ୍ରକ, (ପିଏନ)- ଧାମନଗର ବ୍ଲକ୍ କଟସାହି ପଂଚାୟତର ଶ୍ରୀଗଙ୍ଗା ପାଟଣା ଗ୍ରାମର ଜଣେ ୧୦ମ ଶ୍ରେଣୀର ଛାତ୍ର ଆଜି ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ ଛାତ୍ର ହେଲେ ଶ୍ରୀଗଙ୍ଗା ପାଟଣା ଗ୍ରାମର ବାଉଲି ସେନାପତିଙ୍କ ଏକମାତ୍ର ପୁତ୍ର ଦୀପୁ (୧୫) । ଏହି ଘଟଣା ସ୍ଥାନୀୟ ଅଂଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଦୀପୁ ସକାଳେ ସହୀଦନଗର ବଜାରରୁ ଟ୍ୟୁସନ ସାରି ଘରକୁ ଫେରିବା ପରେ ତାର ମା’ କିଛି ଜିନିଷପତ୍ର ଆଣିବା ପାଇଁ ଟଙ୍କା ଦେଇଥିଲେ । ମା’ଙ୍କ ଠାରୁ ଟଙ୍କା ନେଇ ଦୀପୁ ବଜାରକୁ ଆସିବା ପରେ ଘରକୁ ଫେରିନଥିଲା । ଦିନ ପ୍ରାୟ ୧୧ଟା ବେଳେ ତୋରବନ୍ତିଆ- ଖପରପଦା ନିକଟ ଶ୍ରୀଗଙ୍ଗା ସ୍ଲୁଇସ୍ ଠାରେ ଥିବା ଏକ ଗଛରେ ଦୀପୁର ମୃତୁଦେହ ଝୁଲୁଥିବାର ସ୍ଥାନୀୟ ଲୋକେ ଦେଖିଥିଲେ । ଖବର ପାଇ ଧୁଷୁରୀ ଥାନା ପୁଲିସ୍ ଘଟଣାସ୍ଥଳରେ ପହଂଚି ଶବ ବ୍ୟବଚ୍ଛେଦ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏଥିନେଇ ଧୁଷୁରୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ତେବେ ଖପରପଦା ହାଇସ୍କୁଲର ୧୦ ମ ଶ୍ରେଣୀର ଛାତ୍ର ଦୀପୁ କାହିଁକି ଏବଂ କେଉଁ ପରିସ୍ଥିତିରେ ବେକରେ ରଶି ଲଗାଇ ଆତ୍ମହତ୍ୟା କଲା, ତାହାର ସଠିକ୍ କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ । ଏହି ଛାତ୍ରର ମୃତ୍ୟୁରେ ତାର ପରିବାର ଦୁଃଖରେ ଭାଙ୍ଗିପଡିଥିବାବେଳେ ଆଜି ସନ୍ଧ୍ୟାରେ ଶୋକାକୁଳ ପରିବେଶ ମଧ୍ୟରେ ଦୀପୁର ଶେଷକୃତ୍ୟ ପାଟଣାଗ୍ରାମରେ ସଂପନ୍ନ ହୋଇଛି ।

# ଲାଇକେରା ବ୍ଲକ ଋଷୀ ସଂଗଠନର ବୈଠକ ଅନୁଷ୍ଠିତ

ଝାରସୁଗୁଡ଼ା,(ପିଏନ)- ଝାରସୁଗୁଡ଼ା ଜିଲ୍ଲା ଲାଇକେରା ବ୍ଲକ ଋଷୀ ସଂଗଠନର ଏକ ବୈଠକ ପାକେଲପଡା ସ୍ଥିତ ଧାଙ୍ଗରିନାଚଆ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା । ଧାନ କିଣାବିକା ପାଇଁ ମାର୍କେଟୟାଡ଼ରେ ଆନୁସାଙ୍ଗିକ ବ୍ୟବସ୍ଥା ନଥିବା ନେଇ ଋଷୀମାନେ କ୍ଷୋ ପ୍ରକାଶ କରିଥିଲେ । ଆସନ୍ତା ୨୨ ତାରିଖରୁ ଧାନକିଣା ଆରମ୍ଭ ହେଉଥିବା ବେଳେ ଜିଲ୍ଲାର ପ୍ରଥମ ୟାଡ଼ ଲାଇକେରା ରେ ଶୁଭାରମ୍ଭ ହେବ ।ଏହି ପରିପ୍ରେକ୍ଷୀରେ ଋଷୀ ୟାଡ଼କୁ ଆଣୁଥିବା ଧାନ କିପରି ଠିକ ଭାବେ ବିକ୍ରି କରି ପାରିବେ ,ସେଥି ସକାଶେ ୪ ଟି ସମବାୟ ସମିତିରୁ ୨ ଜଣ ଲେଖାଏଁ ପ୍ରତିନିଧି ଚୟନ କରାଯାଇଛି ।ଲାଇକେରା ସମବାୟ ସମିତି ଅଧୀନରୁ ଦିଲୀପ ବେହେରା ଓ ଉମାଶଙ୍କର ପ୍ରଧାସଁ ,ସାହାସପୁର ସେବା ସମବାୟ ସମିତି ଅଧୀନରୁ ସରୋଜ ପଟେଲ ଓ ସବ୍ୟସାଚୀ ସାହୁ, ପାକେଲପଡା ସେବା ସମବାୟ ଅଧୀନରୁ ପୌଲସ୍ତି ପଟେଲ ଓ ଅଶୋକ ପଟେଲ,ବାବୁଛିପିଡ଼ିହି ସେବା ସମବାୟ ସମିତି ଅଧିନରୁ ଜେନାମଣୀ ପଟେଲ ଓ ପ୍ରଦୀପ୍ତ ତ୍ରିପାଠୀଙ୍କୁ ଚୟନ କରାଯାଇଛି । ବ୍ଲକ ସଂଗଠନ ସଭାପତି ଭାବେ ହେମନ୍ତ ସାଗର କୁମାରା,ସମ୍ପାଦକ ଭାବେ ଅବନୀ ଦାଶ ଏବଂ କୋଷାଧକ୍ଷ ଭାବେ ସାହାସପୁରର ସଞ୍ଜୟ ସୁକୁମାର ପଟେଲ ଏବଂ ୧୧ ଟି ପଂଚାୟତରୁ ୨ ଜଣ ଲେଖାଏଁ ସଭ୍ୟ ବ୍ଲକ ସଂଗଠନ ପାଇଁ ମନୋନୀତ କରାଯାଇଛି ।

# କବି କମଳାକାନ୍ତ ଲେଙ୍କା ସାହିତ୍ୟ ସମାଜର ବାର୍ଷିକୋତ୍ସବ

ଭଦ୍ରକ, (ପିଏନ)- ବିଶିଷ୍ଟ କବି କମଳାକାନ୍ତଙ୍କ ୮୫ତମ ଜୟନ୍ତୀ ଉତ୍ସୋବ କବିଙ୍କ ନିଜଗ୍ରାମ ବ୍ରହ୍ମପୁର ହାଇସ୍କୁଲ ପ୍ରାଙ୍ଗଣରେ ପାଳିତ ହୋଇଯାଇଛି । ଡ. ରାଧାରାଣୀ ମହାପାତ୍ର ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରି ନିଜବକ୍ତବ୍ୟରେ ଜଣେ ମହାନ ପୁରୁଷଙ୍କ ଅବଦାନ ଚିର ସ୍ମରଣିୟ ଓ ଆଗାମୀ ପୀଢ଼ି ପାଇଁ ସ୍ୱତନ୍ତ୍ର ଉଦାହରଣ ହୋଇ ରହିବ ବୋଲି ମତବ୍ୟକ୍ତି କରିଥିଲେ । ଏଥିରେ ଡ. ପାନୀ ମହାନ୍ତି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ତାଙ୍କ ସ୍ମୃତି ପୀଠ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ କମଳାକାନ୍ତଙ୍କୁ ଭଦ୍ରକର ଅନନ୍ୟ ପୁରୁଷ ଭାବରେ ଓ ସମଗ୍ର କାବ୍ୟ ଜଗରେ ନିତ୍ୟ ନିୟମିତ ଦ୍ରଷ୍ଟା ଭାବରେ ଅଗ୍ରଗଣ୍ୟ ଥିଲେ ବୋଲି ମତବ୍ୟକ୍ତି କରିଥିଲେ ।

ଡ. ହରିଶ୍ଚନ୍ଦ୍ର ବେହେରା ମୁଖ୍ୟବକ୍ତା, କବି ସରୋଜ ରଂଜନ ମହାପାତ୍ର ବିଶିଷ୍ଟ ଅତିଥି କବି ହୃଦାନନ୍ଦ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ କମଳାକାନ୍ତ କେବଳ କବିତାରେ ଜୀବନ ଜିଇଁଥିଲେ ବୋଲି ମତ ରଖିଥିଲେ । ଏଥିରେ ସଭାପତିତ୍ୱ କରିଥିଲେ ସାହିତ୍ୟ ସମାଜର ସ୍ଥାୟୀ ସଭାପତି ବିଶିଷ୍ଟ ଗାଳ୍ପିକ ରଜନୀକାନ୍ତ ମହାନ୍ତି । କବିତା ପାଠୋତ୍ସବରେ ଡ. ମମତା ସାହୁ ସଂଯୋଜକ, ଡ. ଅବନୀ ପ୍ରଧାନ ସଭାପତି, ଗାଳ୍ପିକ ଭୀମପୃଷ୍ଟି, କବି ଅକ୍ଷୟ ଜେନା, ଅନୁଷ୍ଠାନର ସଂପାଦକ ତଥା ଦିବଂଗତ କବିଙ୍କ ସୁପୁତ୍ର ସୀତାଂଶୁ ଲେଙ୍କା ଯୋଗଦେଇ ତାଙ୍କ ପ୍ରତି ସମର୍ପିତ ଜୀବନ ଯାପନର ଶପଥ ନେଇଥିଲେ । ସମ୍ବର୍ଦ୍ଧିତ କବି ଅଜୟ ପ୍ରଧାନ ମୁଖ୍ୟ ଅତିଥିଙ୍କ କରକମଳରୁ ତାମ୍ରଫଳକ ଓ ଉତ୍ତରୀୟ ଗ୍ରହଣ କରି କମଳାକାନ୍ତ ଜଣେ ପିତୃତୁଲ୍ୟ ବ୍ୟକ୍ତିତ୍ୱର ଅଧିକାରୀଥିଲେ ବୋଲି ମତବ୍ୟକ୍ତି କରିଥିଲେ ।

କବି ସଂଜିତ୍ ବଳ, ନିର୍ମଳ ସେନାପତି, ବସନ୍ତ ନାୟକ, ବିଜୟ ଜେନା, ଅକ୍ଷୟ ଜେନା, ଭରତ ଦାସ, ପ୍ରଦୀପ୍ତ ମହାନ୍ତି, କାଳନ୍ଦି ମଲ୍ଲିକ, ଗୀତାରଣୀ ଆଇଚ, ବସନ୍ତ ମିଶ୍ର, ପ୍ରଭୃତି ବାହୁ କବି ଓ କବି ଓ କବିୟିତ୍ରୀ କବିତା ଆବୃତ୍ତି କରିଥିଲେ । ଆବାହ ସଂଗୀତ ପରିବେଷଣ କରିଥିଲେ ରାମନାରାୟଣ ପଣ୍ଡା ଓ ତାଙ୍କ ସାଥୀ, ଅତିଥି ପରିଚୟ ଦେଇଥିଲେ କବି ଭରତ ଦାସ ଓ ସମାଜସେବୀ ତଥା କବୀ ଚଇତାଳି ଖିଲାର ଶେଷକଥା ରଖିଥିଲେ ।

# ସମାଜର କର୍ମକର୍ତା ଚୟନ

ମାଲକାନଗିରି ,(ପିଏନ)-- ମାଲକାନଗିରି ଜିଲ୍ଲାରେ ୧୧ଗୋଟି ଆଦିବାସୀ ସମାଜ ରହିଥିବା ବେଳେ ଆଜି ମାଲକାନଗିରି ବ୍ଲକ ନିକଟସ୍ଥ ସିନ୍ଧ୍ରିମାଳ ଠାରେ ଜିଲ୍ଲା ଆଦିବାସୀ ମହାସଂଘର କର୍ମ କର୍ତା ଚୟନ କରାଯାଇଛି ।

ସର୍ବସମତି କ୍ରମେ ଆଦିବାସୀ ମହା ସଂଘର ସଭାପତି ଭାବେ ଘନଶ୍ୟାମ ମାଡକାମୀ , ଜିଲ୍ଲା ସାଧାରଣ ସଂପାଦକ ଭାବେ ଭଦ୍ର ଦୁରୁଆ,ସହ ସଂପାଦକ ଭାବେ କୃଷ୍ଣ ମାଡକାମୀ,ସମ୍ବାରୁ ନାୟକ,କୋଷାଧ୍ୟକ୍ଷ ଭାବେ ନରସିଂହ ମାଡକାମୀ,ସହ କୋଷଧ୍ୟକ୍ଷ ଭାବେ ମୋତି ଭୂମିଆଙ୍କୁ ଚୟନ କରାଯାଇଥିଲା । ମାଲକାନଗିରି ଜିଲ୍ଲାରେ ଥିବା ସମସ୍ତ ଜନଜାତି ଗୋଷ୍ଠୀଙ୍କ ମଧ୍ୟରୁ ଜଣକୁ ଉପ ସଭାପତି ଭାବେ ଚୟନ କରାଯାଇଥିଲା ସେମାନେ ହେଲେ ବଣ୍ଡା ସମାଜରୁ ଧନେଶ୍ୱର କିସାନୀ,ପରଜା ସମାଜରୁ ହରି ଗୋଲରୀ,ଡିଡାୟୀ ସମାଜରୁ ଲାଛୁ ମୁଦୁଲୀ,ଦୁରୁଆ ସମାଜରୁ ଶ୍ୟାମ ସୁନ୍ଦର ଦୁରୁଆ,ଭୂମିଆ ସମାଜରୁ ଜଗନ୍ନଥ ସମରଥ,କନ୍ଧ ସମାଜରୁ ଗୋପୀ ପାଙ୍ଗୀ,ହଲଓ୍ୱା ସମାଜରୁ ଯୁଧିଷ୍ଠିର ବେହେରା,ସନ୍ତାଳ ସମାଜରୁ ରୂପଲାଲ ସୋରେନ,କୋଟିଆ ସମାଜରୁ ଲବ କୁର୍ତାଡି,କୋୟା ସମାଜରୁ ମୁକୁନ୍ଦ ପଡିଆମୀ,ବାଞ୍ଜରା ସମାଜରୁ ଜଗତନନ୍ଦ ଓ୍ୱାକେଦ ପ୍ରମୁଖଙ୍କୁ ମନୋନିତ ହୋଇଥିଲେ ।

ମାଲକାନଗିରି ଜିଲ୍ଲାରେ ବଣ୍ଡା, ପରଜା, ଦୁରୁଆ, ଭୂମିଆ, କନ୍ଧ, ଦିଦାୟୀ, ହାଲଓ୍ୱା, ସାନ୍ତାଳ, କଟିଆ,ବଂଜାରା, କୋୟା,ଗଦବା ଆଦି ଆଦିବାସୀ ସଂପ୍ରଦାୟ ରହିଥିବା ବେଳେ ପ୍ରଥମେ ସେହି ବର୍ଗର କର୍ମକର୍ତାମାନଂକୁ ଚୟନ କରାଯାଇଥିଲା । ପରବର୍ତୀ ସମୟରେ ୧୧ଗୋଟି ଆଦିବାସୀ ସଂଗଠନକୁ ନେଇ ଜିଲ୍ଲା ଆଦିବାସୀ ମହାସଂଘ ଗଠନ କରାଯାଇଥିଲା । ସେମାନଙ୍କର ସାମାଜିକ,ଆର୍ଥିକ,ଶୈକ୍ଷିକ ଉନ୍ନତି କିପରି ହୋଇ ପାରିବ ବିଭିନ୍ନ ସଂପ୍ରଦାୟର ବ୍ୟକ୍ତି ବିଶେଷ ମତ ବ୍ୟକ୍ତ କରିଥିଲେ । ପରବର୍ତୀ ସମୟରେ କର୍ମକର୍ତାମାନଙ୍କୁ ଚୟନ କରାଯାଇଥିଲା ।ଏହି ଆଦିବାସୀ ସମାଜର କର୍ମକର୍ତାମାନଙ୍କ କାର୍ଯ୍ୟକାଳ ତିନି ବର୍ଷ ହୋଇଥିବା ବେଳେ ଚୟନକରା ଯାଇଥିବା କୌଣସି ସଦସ୍ୟ ରାଜନୀତିରେ ନିର୍ବାଚନ ଚଢିପାରିବ ନାହିଁ ବୋଲି ବ୍ୟବସ୍ଥା ରହିଛି । କର୍ମକର୍ତାମାନେ ଯେ କୌଣସି ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଆଦିବାସୀ ସମାଜର ବିକାଶ ଦିଗରେ କାର୍ଯ୍ୟ କରିବେ ବୋଲି ଜଣା ପଡିଛି ।

## ଦୁର୍ଘଟଣାରେ ଡ୍ରାଇଭର ଗୁରୁତର

ଝାରସୁଗୁଡ଼ା,(ପିଏନ)--ବାଡ଼ମାଲ ଥାନା ଅନ୍ତର୍ଗତ ଖେରୁଆଲ ଠାରେ ଗତକାଲି ବିଳମ୍ବିତ ରାତିରେ ଏକ ଦୁର୍ଘଟଣାରେ ଡ୍ରାଇଭର ଗୁରୁତର ଆହତ ହୋଇ ବୁର୍ଲା ବଡ଼ ଡ଼ାକ୍ତରଖାନାରେ ଭର୍ତି ହୋଇଛନ୍ତି ।

ଘଟଣାରୁ ପ୍ରକାଶ ଗତ ରାତି ସୁଦର୍ଶନ ସିଂ(୫୫) ନାମକ ଜଣେ ଡ୍ରାଇଭର କୋଇଲା ବୋଝେଇ ଟ୍ରକ ଧରି ଠେଲକୁଲି ସ୍ଥିତ ଭୂଷଣ କାରଖାନା କୁ ଯାଉଥିଲେ । ଏହି ସମୟରେ ତାଙ୍କ ସମ୍ମୁଖରେ ଯାଉଥିବା ଏକ ଟେଲର ଗାଡି ହଠାତ ଅଟକି ଯିବାରୁ ଟ୍ରକଟି ଟେଲର ସହିତ ଧକ୍କା ହୋଇଥିଲ ।

## ପୀତାମ୍ବର ସ୍ୱାଇଁଙ୍କ ୮୮ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ

# ‘ବୈଦେଶିକ ସମ୍ପର୍କ ଏକ କୂଟନୈତିକ କଳା’- ଲଳିତ ମାନସିଂହ

ଭଦ୍ରକ, (ପିଏନ)- ବିଶ୍ୱ ପ୍ରେକ୍ଷାପଟ୍ଟରେ ଭାରତ ବୈଦେଶିକ ନୀତିରେ ସକରାତ୍ମକ ମନୋଭାବ ପୋଷଣ କରିଆସିଛି । ଦେଶ ସ୍ୱାଧୀନ ହେବଠାରୁ ଏଯାବତ୍ ପଡ଼ୋଶୀ ରାଷ୍ଟ୍ରସମୂହ ସହ ଭାରତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଜରିଆରେ ସ୍ଥିରତା ବଜାୟ ରଖିବାକୁ ଉଦ୍ୟମ କରିଛି । ଏବେକା ସ୍ଥିତରେ ମଧ୍ୟ ଭାରତ କୂଟନୈତିକ ସମ୍ପର୍କରେ ବିଚକ୍ଷଣତା ପ୍ରଦର୍ଶନ କରି ସାରାବିଶ୍ୱକୁ ଚକିତ କରିଦେଇଛି । ଏଣୁ ବୈଦେଶିକ ସମ୍ପର୍କ ରସାୟନ ବିଜ୍ଞାନ ଭଳି ଏକ ବିଜ୍ଞାନସମ୍ମତ ବ୍ୟାପାର ହେଲେ ମଧ୍ୟ ଏହାବି ଏକ କଳା, ଯାହାର ଯଥାର୍ଥ ପ୍ରୟୋଗରେ ଦେଶ ବହୁମୁଖୀ ସଫଳତା ହାସଲ କରିଥାଏ ବୋଲି ପ୍ରାକ୍ତନ ବୈଦେଶିକ ରାଷ୍ଟ୍ରଦୂତ ତଥା ବୈଦେଶିକ ସଚିବ ଲଳିତ ମାନସିଂହ ପ୍ରକାଶ କରିଛନ୍ତି ।

ଭଦ୍ରକ ଟାଉନହଲ୍ ପରିସରରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା ଓଡ଼ିଶାର ବିଶିଷ୍ଟ ବାଗ୍ମୀ ଅଧ୍ୟାପକ ଡକ୍ଟର ପୀତାମ୍ବର ସ୍ୱାଇଁଙ୍କ ୮୮ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ । ସ୍ମୃତିସଂସଦର ବରିଷ୍ଠ ସଦସ୍ୟ ଅଧୀବକ୍ତା ନିରାକାର ଜେନାଙ୍କ ପୌରୋହିତ୍ୟରେ ଓ ଗାଳ୍ପିକ ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଓ ଉଦ୍‌ଘାଟକ ଭାବେ ଶ୍ରୀ ମାନସିଂହ ଯୋଗଦେଇ ଉପରୋକ୍ତ ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ଚିନ୍ତାନାୟକ ପ୍ରଫେସର ଡ. ଧନେଶ୍ୱର ସାହୁ ଯୋଗଦେଇ ମାନବିକତାର ସଙ୍କଟ, ସ୍ଥିତିବାଦର ହେତୁ ଓ ନୂତନ ସମୟର ନକ୍ସା ଅଙ୍କନ ଉପରେ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଶିଷ୍ଟ ବାଗ୍ମୀ ପ୍ରଫେସର ଡ. ବାବାଜୀଚରଣ ପଟ୍ଟନାୟକଙ୍କୁ ଅର୍ଥରାଶି, ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ରାଜ୍ୟସ୍ତରୀୟ ବାଗ୍ମିତା ସମ୍ମାନ, ପ୍ରଫେସର ଏମ୍.ଏ. ନବୀଙ୍କୁ ସ୍ୱତନ୍ତ୍ର ସରସ୍ୱତୀ ସମ୍ମାନ ଓ ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତିଙ୍କୁ ଜିଲ୍ଲାସ୍ତରୀୟ ବିରଳ ବ୍ୟକ୍ତିତ୍ୱ ସମ୍ମାନ ପ୍ରଦାନ କରାଯାଇଥିଲା । ସ୍ମୃତି ସଂସଦ ପକ୍ଷରୁ ଡକ୍ଟର ସ୍ୱାଇଁ ଜୀବନ ଆଧାରିତ ପୁସ୍ତକ ‘ଆରସାରୁ ଓଡ଼ିଶା’ର ସୁଦୃଶ୍ୟ ସଂସ୍କରଣ ଲୋକାର୍ପିତ ହୋଇଥିଲା । ସ୍ୱର୍ଗତ ସ୍ୱାଇଁଙ୍କ ଜ୍ୟେଷ୍ଠପୁତ୍ର ଖାରବେଳ ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତର କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ । ଜଗନ୍ନାଥ କଳା ପରିଷଦ ପକ୍ଷରୁ ପ୍ରାରମ୍ଭିକ ସଂଗୀତ ‘ବନ୍ଦେ ଉତ୍କଳ ଜନନୀ’ ଗାନ କରାଯାଇଥିଲା । ସଂପାଦକ ଡ. ଶଶଧର ଦାସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବିଶ୍ୱରଂଜନ ଦାସ ଅତିଥିମାନଙ୍କୁ ମଞ୍ଚଆହ୍ୱାନ, ଶିବଚରଣ ଖାମୁରାଇ, ରୁଦ୍ରମାଧବ ବାରିକ୍ ମାନପାଠ କରିଥିଲେ ଓ ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

